# ରାତି ଉଜାଗର ରହିବେ ପଞ୍ଚ ଦେବତା

ପ୍ରଦୀପ୍ତ କୁମାର ପୃଷ୍ଟି
ଚଣ୍ଡିଖୋଲ, ୧୭।୨

ମହାଶିବରାତ୍ରି ଜାଗର ଅବସରରେ ଯାଜପୁର ଜିଲାର ପ୍ରସିଦ୍ଧ ଶୈବପୀଠ ମହାବିନାୟକ ମନ୍ଦିରରେ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଏଠାରେ ପଞ୍ଚ ଦେବତା ପୂଜା ପାଇଥାନ୍ତି। ରାତ୍ରି ସାରା ପଞ୍ଚ ଦେବତା ଉଜାଗର ରହିଥାନ୍ତି। ସେହି ଦେବତାମାନେ ହେଲେ ଗଣେଶ, ବିଷ୍ଣୁ, ଦୁର୍ଗା, ସୂର୍ଯ୍ୟଦେବ ଓ ମହାଦେବ। ଜାଗରର ତୃତୀୟ ପ୍ରହରରେ ପ୍ରଭୁ ଚନ୍ଦ୍ରଶେଖର ତିନିଥର ମନ୍ଦିର ବେଢ଼ା ପରିକ୍ରମା କରିଥାନ୍ତି। ପରିକ୍ରମା ସରିବା ପରେ ଏଠାରେ ମହାଦୀପ ଉଠିଥାଏ।

ଜାଗରରେ ଭୋର ୪ଟାରୁ ମଙ୍ଗଳ ଆଳତି, ବଡ଼ସିଂହାର ବେଶ, ଧୂପ ଲାଗି, ପରେ ନୀତି ଭୋଗ ବାଲ୍ୟଭୋଗ କରାଯାଇଥାଏ। ସନ୍ଧ୍ୟା ସମୟରୁ ୪ପ୍ରହର ଭିନ୍ନ ଭିନ୍ନ କ୍ରମେ ପୂଜା କରାଯାଇଥାଏ। ପ୍ରତ୍ୟେକ ପ୍ରହରରେ ଲଡୁ ଓ ପଣା ପ୍ରଦାନ କରାଯାଇ ଘର୍ଷଣ କରାଯିବା ସହ ମହାସ୍ନାନ, ମଙ୍ଗଳ ଆଳତି ଓ ଧୂପ ଲାଗି କରାଯାଇଥାଏ। ତୃତୀୟ ପ୍ରହର ସମୟରେ ମହାପ୍ରଭୁଙ୍କର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କୁ ତିନିଥର ବେଢ଼ା ପରିକ୍ରମା କରାଯିବା ପରେ ୧୦୮ ଦୀପ ପ୍ରଜ୍ୱଳନ କରାଯାଏ। ଏହି ୧୦୮ ଦୀପ ପ୍ରଜ୍ୱଳନ ପରେ ବିଶ୍ୱଶାନ୍ତି ପାଇଁ ଏହା ଉତ୍ସର୍ଗ କରାଯାଇଥାଏ। ସେଥିପାଇଁ ମହାଶିବରାତ୍ରି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ୫ ଦିନ ଧରି ଏଠାରେ ଅନୁଷ୍ଠିତ ହୋଇଥାଏ। ଜନକଲ୍ୟାଣ ଉଦ୍ଦେଶ୍ୟରେ ଏହି ଯଜ୍ଞ ଜାଗର ଅମାବାସ୍ୟାର ଦୁଇ ଦିନ ପୂର୍ବରୁ ଆରମ୍ଭ ହୋଇଥାଏ ଏବଂ ମହାଶିବରାତ୍ରିର ଦୁଇ ଦିନ ପରେ ଯଜ୍ଞ ଶେଷ ହୋଇଥାଏ। ଏହା ନାରାୟଣଙ୍କ ଯଜ୍ଞ ଭାବେ ପରିଚିତ ହୋଇଥାଏ। ଶନିବାର ଜାଗର ଉପଲକ୍ଷେ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ବହୁସଂଖ୍ୟାରେ ଉଠା ଦୋକାନୀ ଏଠାରେ ପସରା ମେଲାଇଛନ୍ତି। ଯାଜପୁର ଜିଲା ପ୍ରଶାସନ ତରଫରୁ ଆଇନ ଶୃଙ୍ଖଳା ରକ୍ଷା ସହ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଥାଏ ଏବଂ ଆମକୁ ସମ୍ପୂର୍ଣ୍ଣ ସହଯୋଗ କରିଥାନ୍ତି ବୋଲି ମନ୍ଦିର ଟ୍ରଷ୍ଟି ଧନେଶ୍ୱର ସାମଲ କହିଛନ୍ତି। ପୂଜକ ହିମାଂଶୁ ଶେଖର ପଣ୍ଡା କହିଛନ୍ତି ଯେ ରାତ୍ରିସାରା ମହାଦେବଙ୍କ ସହ ନାରାୟଣ, ଗଣେଶ, ଦୁର୍ଗା ଓ ସୂର୍ଯ୍ୟ ଦେବତା ଏଠାରେ ଉଜାଗର ରହିବେ। ସମସ୍ତଙ୍କୁ ଏକ ସଙ୍ଗରେ ପୂଜା କରାଯାଇଥାଏ। ଅନ୍ୟ ସ୍ଥାନ ଅପେକ୍ଷା ଏଠାରେ ନିଆରା ଢଙ୍ଗରେ ପୂଜା କରାଯାଏ।



ଠାକୁର ମହାବିନାୟକ ଓ ମହାବିନାୟକ ମନ୍ଦିର।

## ମହାବିନାୟକ ପୀଠ

### ଝରଣା ଜଳ ଶୁଖିଲେ, ପ୍ରାକୃତିକ ବିପତ୍ତିର ସୂଚନା ମିଳେ

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାରୁଣବନ୍ତ ପାହାଡ଼ର ପାଦଦେଶରେ ପୂଜା ପାଇଥାନ୍ତି ପ୍ରଭୁ ମହାବିନାୟକ। ଏହି ପୀଠକୁ ମହାଦେବଙ୍କ ଦର୍ଶନ ନିମନ୍ତେ ବହୁ ଭକ୍ତ ଆସୁଥିବା ବେଳେ ଏହା ପୁତ୍ର ନାମ ଅନୁସାରେ ମହାବିନାୟକ ଭାବେ ନାମିତ ହୋଇଛି। ପୀଠର ନିଆରା କଥା ହେଲା ମହାପ୍ରଭୁଙ୍କ ପାଦଦେଶରେ ଝରଣା ଜଳ ଅବିରତ ବୋହୁଛି। ଏହାକୁ ନେଇ ଲୋକକଥା ରହିଛି ଯେ, ଯେତେବେଳେ କୌଣସି ପ୍ରାକୃତିକ ବିପତ୍ତି ହେବାର ଥାଏ, ଏହାର ଦିନେ ଦୁଇଦିନ ପୂର୍ବରୁ ଝରଣା ଜଳ ଶୁଷ୍କ ହୋଇଯାଇଥାଏ। ଏଠାରେ ୩ଟି ଝରଣା ରହିଥିଲାବେଳେ କେବେବି ତାହା ଶୁଖି ନ ଥାଏ। ଯଦି ତାହା ଶୁଷ୍କ ହୁଏ, ତା'ହେଲେ ବିପତ୍ତି ଆସିବାର ସୂଚନା ମିଳିଥାଏ ବୋଲି ଲୋକେ ବିଶ୍ୱାସ କରନ୍ତି। ତେବେ ଝରଣା ଯୋଗୁ ପୀଠରେ ବହୁସଂଖ୍ୟାରେ ମାଙ୍କଡ଼ଙ୍କ ସହ ଜୀବଜନ୍ତୁମାନେ ପାଣି ପାଇଥାନ୍ତି। ସେହିପରି କିମ୍ବଦନ୍ତୀ ଅନୁଯାୟୀ ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବ ଯେତେବେଳେ ଅଜ୍ଞାତବାସରେ ଥିଲେ, ସେତେବେଳେ ମାତା କୁନ୍ତି ପୁଅମାନଙ୍କର ସୁରକ୍ଷା ଓ ମଙ୍ଗଳ କାମନା କରି ମହାବିନାୟକଙ୍କ ପୀଠରେ ୧୦୮ ସ୍ୱର୍ଣ୍ଣ ଚମ୍ପା ଚଢ଼ାଇଥିଲେ। ଯେଉଁଥିପାଇଁ ପଞ୍ଚୁପାଣ୍ଡବ ପାଞ୍ଚ ଭାଇ ସୁରକ୍ଷିତ ଭାବେ ଅଜ୍ଞାତବାସ ସାରି ଫେରିଆସିଥିଲେ ବୋଲି ବିଶ୍ୱାସ ରହିଛି। ମହାବିନାୟକ ମହାପ୍ରଭୁ ସେଠାରେ କେବେ ପ୍ରକଟ ହୋଇଥିଲେ ତାହାର ଠିକ୍ ସମୟ ସମ୍ପର୍କରେ କୌଣସି ତଥ୍ୟ ଉପଲବ୍ଧ ନାହିଁ। ହେଲେ ରାଜା ପ୍ରତାପ ରୁଦ୍ର ଦେବଙ୍କ ସମୟରେ ମନ୍ଦିର ନିର୍ମାଣ ହୋଇଥିଲା ବୋଲି ଲୋକକଥାରୁ ଜଣାପଡ଼େ। ଜାଗର ଦିନ ପୀଠରେ ଭକ୍ତଙ୍କ ପ୍ରବଳ ସମାଗମ ହୁଏ। ପ୍ରଭୁଙ୍କୁ ‘‘ଗଣେ ନାରାୟଣ ରୁଦ୍ରେ, ଅମ୍ବିକେ ଭାସ୍କରେ ତଥା, ପଞ୍ଚଦେବ ସ୍ମରେ ନିତ୍ୟମ୍, ମହାପାପକ୍ ନାଶନମ୍’’ ଶ୍ଲୋକରେ ଭକ୍ତମାନେ ପୂଜା କରିଥାନ୍ତି।

## ସଂକ୍ଷେପରେ

### ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ଯାଜପୁର ଟାଉନ ୧୭।୨(ଡି.ଏନ.ଏ.): ଯାଜପୁର ସହରରେ ଅଧିକ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ସେମାନଙ୍କୁ ମାଗଣା ଔଷଧ ସେବନ ବଣ୍ଟନ କରାଯାଇଛି। ଏଭଳି ଏକ ପ୍ରଶଂସନୀୟ କାର୍ଯ୍ୟ ପାଇଁ ସାଧାରଣ ଜନତାଙ୍କଠାରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଓଡ଼ିଶା ଦେବଦାସୀ ସାଂସ୍କୃତିକ ସଂସଦ ରିଲାଇନ୍ସ ଫାର୍ମାସୀ ନେଟ୍‌ମେଡ୍ ମିଳିତ ସହଯୋଗରେ ଏହି ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲା ଛତ୍ରପଡାଠାରେ ଅନୁଷ୍ଠିତ ଏହି ଶିବିରରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଦେବଦାସୀ ସାଂସ୍କୃତିକ ସଂସଦର ସମ୍ପାଦକ ଡାକ୍ତର ଭିକାରୀ ଚରଣ ସାହୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫାର୍ମାସିଷ୍ଟ ସତ୍ୟ ପ୍ରକାଶ ସାମଲ, ଅମରଦୀନ ଖଟୁଆ, ଅମ୍ଲାନ ସାହୁ ପ୍ରମୁଖ ଉଚ୍ଚ ରକ୍ତଚାପ ଓ ମଧୁମେହ ଭଳି ରୋଗର ପରୀକ୍ଷା କରିଥିଲେ। ଏହି ଶିବିରରେ ଅନୁଷ୍ଠାନର କର୍ମକର୍ତ୍ତା ରମେଶ ଚନ୍ଦ୍ର ପ୍ରଧାନ , ଶରତ ଚନ୍ଦ୍ର ସାହୁ, ଦୁଃଶାସନ ଜେନା, ଖଗେଶ୍ୱର ନାୟକ, ଗୋବିନ୍ଦ ଚନ୍ଦ୍ର ଜେନା, ଗଣେଶ ପ୍ରସାଦ ରାୟ, କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ଓ ଧିରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ



ଧର୍ମଶାଳା,୧୭।୨ (ଡି.ଏନ.ଏ.): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡମଙ୍ଗଳପୁର ଗ୍ରାମର ଧର୍ମପରାୟଣା ମହିଳାଙ୍କ ତଥା ଧର୍ମଶାଳା ମୁନସୀ ମେଲଣ କମିଟିର ଆଜୀବନ ସମ୍ପାଦକ ସ୍ୱର୍ଗତ ବୃନ୍ଦାବନ ଶତପଥୀଙ୍କ ସ୍ତ୍ରୀ କେଶରୀ ଶତପଥୀ (୮୫) ଗୁରୁବାର ରାତିରେ ସାର୍ଥକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟାନିକଟରେ ବଡ ପୁଅ ମୀନ କେତନ ପଣ୍ଡା,ମଝିଆଁ ପୁଅ ଚିତ୍ତରଞ୍ଜନ ଶତପଥୀ, ସାନପୁଅ ଟୁକୁନା ଶତପଥୀ, ପୁତ୍ରବଧୂ ଓ ନାତିନାତୁଣୀନ ଉପସ୍ଥିତ ଥିଲେ । ସେ ଜଣେ ଧର୍ମପରାୟଣା, ପରୋପକାରୀ ଓ ମିଷ୍ଟଭାଷୀ ମହିଳାଥିଲେ । ତାଙ୍କ ବିୟୋଗରେ ସମଗ୍ର ମଙ୍ଗଳପୁର ଅଞ୍ଚଳରେ ଶୋକଛାୟା ଖେଳି ଯାଇଛି । ତାଙ୍କ ମୃତ୍ୟୁରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ଯାଜପୁର ଏମ୍‌ପି ରୀତା ତରାଇ, ପୂର୍ବତନ ବିଧାୟକ ରବି ଲାବଣ୍ୟ,ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ପ୍ରେସ କ୍ଲବ ସଭାପତି ରମାକାନ୍ତ ଜେନା, ଉପଦେଷ୍ଟା ବଟକୃଷ୍ଣ ପରିଡା, ଇନ୍ଦ୍ରମଣି ନାୟକ, ସମ୍ପାଦକ ଅବିନେଶ୍ୱର ଶତପଡଥୀ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ମରଶରୀରକୁ ଏକ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସାନପୁଅ ଟୁକୁନା ମୁଖାଗ୍ନି ଦେଇଥିଲେ ।

# ୧୯ରେ ନାନପୁର ମହୋତ୍ସବ

ଚଣ୍ଡିଖୋଲ,୧୭।୨(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ନାନପୁର ଠାରେ ଆସନ୍ତା ୧୯ରେ ହେବ ନାନପୁର ମହୋତ୍ସବ। ବିଶିଷ୍ଟ ଲେଖକ ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତିଙ୍କ ପୃଷ୍ଠପୋଷକତାରେ ଏହି ମହୋତ୍ସବ ଆୟୋଜନ କରାଯାଇଛି। ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ମହାନ୍ତି କହିଛନ୍ତି, ଓଡ଼ିଶାର ଗ୍ରାମ୍ୟ ସଂସ୍କୃତି, ଐତିହ୍ୟ ପରମ୍ପରା ଓ ଜନଜୀବନକୁ ଆଧାର କରି ବିରୂପା ନଦୀ କୂଳରେ ଏକ ପ୍ରାକୃତିକ ପରିବେଶରେ ଏହି ମହୋତ୍ସବ କରାଯିବ। ଦୀର୍ଘ ବର୍ଷ ଧରି ଲଣ୍ଡନରେ ରହୁଥିବା ଏହି ଚିତ୍ରଶିଳ୍ପୀ କହିଛନ୍ତି, ମୁଁ ଆଜି ଯେଉଁ ସ୍ଥାନରେ ପହଞ୍ଚିଛି ତାହା ମୋ ଗାଁର ସଂସ୍କୃତି ଚଳଣି ଓ ପରମ୍ପରା ମୋତେ ଶିଖାଇଛି। ବିଶେଷ କରି ଗ୍ରାମ୍ୟ ମହିଳା ଓ ଶିଶୁମାନଙ୍କ ଦ୍ୱାରା ଝୋଟି, ଚିତା, ନାଚ, ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ଆଦି କରାଯିବ । ଯାହାକି ଗାଁ ଉପରେ ଆଧାରିତ ହୋଇ ଏ ସବୁ ପ୍ରତିଯୋଗୀତା କରାଯିବ। ବିଶେଷ କରି ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତା , କବିମାନଙ୍କ ଦ୍ୱାରା କବିତା ପାଠ, ସାହିତ୍ୟ ଚର୍ଚ୍ଚାର ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବହୁ ପ୍ରତିଷ୍ଠିତ କବି, ଲେଖକ, ଚିତ୍ରଶିଳ୍ପୀ, ସାମାଜିକ କର୍ମୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବେ। ଏଥି ସହିତ ପ୍ରଫୁଲ୍ଲ ମହାନ୍ତିଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା,ପୁସ୍ତକ ପ୍ରଦର୍ଶନୀ ଓ କ୍ଷୁଦ୍ର ପ୍ରାମାଣିକ ଚିତ୍ର ପ୍ରଦର୍ଶନୀ ଆୟୋଜିତ କରାଯିବ। ଏହି ଖବରଦାତା ସମ୍ମିଳନୀରେ ମହୋତ୍ସବ ଆୟୋଜନ ସମିତିର ଉପଦେଷ୍ଟା ପ୍ରାଧାପକ ବୈଷ୍ଣବ ଚରଣ ମହାନ୍ତି ଓ ଯାଜପୁର ଜିଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ମହାନ୍ତିଙ୍କ ଘନିଷ୍ଠ ବନ୍ଧୁ ବାରିଷ୍ଟର ଡ଼େରିକ ମୋରେଙ୍କ ଦୀର୍ଘ ୧୨ବର୍ଷ ତଳେ ଓଡ଼ିଶାରେ ଦେହାନ୍ତ ହୋଇଥିଲା। ତାଙ୍କରି ସ୍ମୃତିରେ ଦୀର୍ଘ ୧୨ବର୍ଷ ହେବ ପ୍ରତ୍ୟେକ ବର୍ଷ ଫେବୃୟାରୀ ୧୫ରୁ ଏହି କାର୍ଯ୍ୟକ୍ରମ କରାଯାଏ ବୋଲି ସେ ଉଲ୍ଲେଖ କରିଥିଲେ। ଧନ୍ୟବାଦ ଦେଇଥିଲେ ଲଗନ ମହାନ୍ତି ।


ଖବରଦାତା ସମ୍ମିଳନୀରେ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି ଓ ଅନ୍ୟମାନେ ।

## ଗଣପତି ଜ୍ଞାନ ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ

ବଡ଼ଚଣା,୧୭।୨(ଡି.ଏନ.ଏ.)

ଚଣ୍ଡିଖୋଲ ନିକଟସ୍ଥ ଚାରିବାଟୀଆସ୍ଥିତ ଗଣପତି ଜ୍ଞାନ ମନ୍ଦିରଠାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ କେଶବ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ସାମଲ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଚରିତ୍ର ଗଠନ, ଶିକ୍ଷା ଶିକ୍ଷଣ କାର୍ଯ୍ୟ ଓ ବୈଦ୍ଧିକ ବିକାଶ ଉପରେ ଆଲୋଚନା କରିବା ସହ ଉପସ୍ଥିତ ମା ମାନଙ୍କୁ ପିତାମାତା ହେଲେ ପିଲାମାନଙ୍କ ପ୍ରଥମ ଗୁରୁ, ପିଲାମାନେ ବାପାଙ୍କ ଠାରୁ ଧର୍ଯ୍ୟ ଓ ମା'ଙ୍କ ଠାରୁ ସଂସ୍କାର ଶିକ୍ଷା କରିଥାନ୍ତି। ମା'ବାପାଙ୍କର ଜୀବନଶୈଳୀ ପିଲାମାନଙ୍କ ଉପରେ ପ୍ରଭାବ ପକାଇଥାଏ। ବଡ଼ ମଣିଷ ନ ହୋଇ ଭଲ ମଣିଷ ହେବାକୁ ଉପସ୍ଥିତ ମା'ମାନଙ୍କୁ ସମ୍ବୋଧିତ କରିବା ସହିତ ମାଆମାନେ ନିଜର ପିଲାମାନଙ୍କୁ ପ୍ରତିଦିନ ସ୍କୁଲକୁ ଆସିବା, ସେମାନଙ୍କ ପୋଷାକ ପରିଚ୍ଛନ୍ନ ସଫାସୁତରା ରଖିବା, ବିଦ୍ୟାଳୟରେ ଦିଆଯାଉଥିବା ଶିକ୍ଷା ଦାନ ଉପରେ ନଜର ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ରାଉତ, ଅନିମା ବଳ, ରାଜଶ୍ରୀ ସାହୁ, ପ୍ରିୟମ୍ବଦା ସାମଲ, ରୀତା ଦାସ, ପୂର୍ଣ୍ଣିମା ଗୋଚ୍ଛାୟତ, ସୌଦାମିନୀ ରାୟ ଓ ମା'ମାନଙ୍କ ମଧ୍ୟରେ ଗୀତାଞ୍ଜଳୀ ସାମଲ, ରୀତା ଦାସ, ସଂଯୁକ୍ତା ଶତପଥୀ, ଜୟସ୍ମିତା ନାୟକ, ସତ୍ୟଭାମା ପୃଷ୍ଟି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଲୁଟ୍ ଟଙ୍କା ଜବତ, ୨ ଗିରଫ

ଧର୍ମଶାଳା,୧୭।୨(ଡି.ଏନ.ଏ.)

ବାଇକ୍‌ରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରି ଲକ୍ଷାଧିକ ଟଙ୍କା ଲୁଟ କରିଥିବା ୨ ଡକାୟତଙ୍କୁ ଧର୍ମଶାଳା ପୋଲିସ ଗିରଫ କରିବା ସହ ଲୁଟ ୪ ଲକ୍ଷ ୨୦ ହଜାର ଟଙ୍କା ଜବତ କରିଛି । ଏ ନେଇ ଶୁକ୍ରବାର ଧର୍ମଶାଳା ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଯାଜପୁର ଅତିରିକ୍ତ ଏସ୍.ପି ସୂଚନା ଦେଇଛନ୍ତି ।

ବ୍ରହ୍ମବରଦା ଥାନା ସାହାପଡ଼ା ଗ୍ରାମର ଇନ୍ଦ୍ରମଣି ପରିଡ଼ା ତାଙ୍କ ଝିଅ ବିବାହ ପାଇଁ ସ୍ଥାନୀୟ ବ୍ୟାଙ୍କରୁ ୪ ଲକ୍ଷ ୨୦ ହଜାର ଟଙ୍କା ଉଠାଇ ଜଣେ ଯୁବକ ସହିତ ବାଇକ୍‌ରେ ଘରକୁ ଫେରୁଥିଲେ । ଏହି ସମୟରେ ୨ଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ତାଙ୍କୁ ପିଛାକରି ବ୍ରହ୍ମବରଦା ମାଛ ମାର୍କେଟ ଇଟାଭାଟି ନିକଟରେ ମାରଣାସ୍ତ୍ର ଦେଖାଇ ସମସ୍ତ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ । ଏ ନେଇ ଇନ୍ଦ୍ରମଣି ଥାନାରେ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଯାଜପୁର ଏସ୍.ପି ବିନିତ ଅଗ୍ରୱାଲାଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ଓ ବ୍ରହ୍ମବରଦା ଥାନାର ଏସ୍.ଆଇ. ବିଭୂତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ବିଭିନ୍ନ ସ୍ଥାନ ଚଢ଼ାଉ କରିଥିବାବେଳେ ଗୁରୁବାର ବାଲିଚନ୍ଦ୍ରପୁର ବଜାର ଅଞ୍ଚଳରେ ଭଡ଼ାରେ ରହୁଥିବା ଗଞ୍ଜାମ ଜିଲା ଆସ୍କା ଥାନା ଗୁମ୍ଫା ଟାଙ୍ଗରପଲ୍ଲୀ ଗ୍ରାମର ଅଜୁ ଓରଫ ଏମ୍.ଚାନ୍ଦୁ (୨୪) ଓ ଗଞ୍ଜାମ ଜିଲା ଆସ୍କା ଥାନା ପାକଲାପଲ୍ଲୀ ଗ୍ରାମର ଜେ.ସିଦ୍ଧାର୍ଥ (୧୮)ଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୪ ଲକ୍ଷ ୨୦ ହଜାର ଟଙ୍କା,ଦୁଇଟି ମୋବାଇଲ ଓ ଡକାୟତିରେ ବ୍ୟବହୃତ ବାଇକ୍(ନଂ.ଓଡି ୩୩ ଜେ ୦୭୨୨) ଜବତ କରିଛି । ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଫେରାର ଅଭିଯୁକ୍ତଙ୍କୁ ଖୁବଶିଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି । ଏହି ଖବରଦାତା ସମ୍ମିଳନୀରେ ଯାଜପୁରରୋଡ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବ୍ରହ୍ମବରଦା ଆଇଆଇସି ଦାଶରଥୀ ପାତ୍ର, ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ । ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି । ଜବତ ଟଙ୍କାକୁ ଇନ୍ଦ୍ରମଣି ପରିଡ଼ାଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

## ଖବର କାଗଜ ବିତରକ ଅଞ୍ଜନ ସାହୁ ସମ୍ବର୍ଦ୍ଧିତ

ଚଣ୍ଡିଖୋଲ,୧୭।୨(ଡି.ଏନ.ଏ.)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଅଞ୍ଚଳର ଦୀର୍ଘ ୪୪ ବର୍ଷ ହେବ ଖବର କାଗଜ ବିତରଣ କରି ଆସୁଥିବା ସାଧାରଣ ଲୋକଙ୍କ ଅତି ପ୍ରିୟପାତ୍ର ହୋଇଥିବା ଅଞ୍ଜନ କୁମାର ସାହୁ (ମୁଷାଭାଇ)ଙ୍କୁ ବାଲିଚନ୍ଦ୍ରପୁରଠାରେ ସମ୍ବର୍ଦ୍ଧିତ କରାଯାଇଛି। ରବୀନ୍ଦ୍ର ନାଥ ସାହୁ ସ୍ମୃତି ସଂସଦ ପକ୍ଷରୁ ପତରାଜପୁରସ୍ଥିତ ଷ୍ଟେଟ ବିଗେଡ଼ ସ୍କୁଲ ପରିସରରେ ଆୟୋଜିତ ପୁସ୍ତକ ଲୋକାର୍ପଣ ଉତ୍ସବରେ ଦୀର୍ଘ ବର୍ଷ ଧରି ସମାଜକୁ ଅବଦାନ ପାଇଁ ତାଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି। କବି ସତ୍ୟବ୍ରତ ପୁହାଣଙ୍କ ଅଧକ୍ଷାରେ ଆୟୋଜିତ ଏହି ଉତ୍ସବରେ ବନ୍ୟା,ବାତ୍ୟା ଓ କରୋନା ଭଳି ମହାମାରୀ ସମୟରେ ସେ କାହାରିକୁ ଭ୍ରୂକ୍ଷେପ ନକରି ଖବରକାଗଜ ବିତରଣ କରି ସ୍ଥାନୀୟ ଅଞ୍ଚଳରେ ବେଶ ଲୋକପ୍ରିୟତା ଅର୍ଜନ କରିଛନ୍ତି। ସେଥିପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୂଚନା ଥାଉକି ୨୦୧୯ରେ ଭୁବନେଶ୍ୱରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସାହୁ ସମ୍ବର୍ଦ୍ଧିତ ହୋଇଥିଲେ।

## ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ବାଲିଚନ୍ଦ୍ରପୁର,୧୭।୨(ସ୍ୱ.ପ୍ର.)

ବଡ଼ଚଣା ବିକାଶ ପରିଷଦ ତରଫରୁ ଶୁକ୍ରବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲିଚନ୍ଦ୍ରପୁର ନିକଟସ୍ଥ ୫୩ନଂ. ଜାତୀୟ ରାଜପଥ କୃଷ୍ଣଦାସପୁର ଛକସ୍ଥିତ କଳ୍ପତରୁ ସେବା ସଦନଠାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ପରିଷଦର ଅଧକ୍ଷ ଚିନ୍ମୟ କୁମାର ପ୍ରଧାନ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ତ୍ରୀରୋଗ ବିଭାଗ ଡାକ୍ତର ମାନସ ରଞ୍ଜନ ଡାଲ ଓ ଚର୍ମରୋଗ ଡାକ୍ତର ଶୋଭା ଦାସ ଯୋଗଦେଇ ଶତାଧିକ ରୋଗୀଙ୍କୁ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିଲେ।

# ଜ୍ଞାନ ପଟ୍ଟନାୟକ ଗୌରବ ସମ୍ମାନ ପ୍ରଦାନ

ଧର୍ମଶାଳା,୧୭।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦଠାରେ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଧର୍ମ ପତ୍ନୀ ସ୍ୱର୍ଗତା ଜ୍ଞାନ ପଟ୍ଟନାୟକଙ୍କ ୧୪ତମ ପୁଣ୍ୟତିଥି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସଭାପତିତ୍ୱ କରି ବିଜୁ ବାବୁଙ୍କ ରାଜନୈତିକ ସଫଳତା ପଛରେ ଜ୍ଞାନ ପଟ୍ଟନାୟକଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା ବୋଲି କହିଥିଲେ। ବିଜୁବାବୁ ସ୍ୱାଧୀନତା ଆନ୍ଦୋଳନରେ ଗିରଫ ହୋଇ ଜେଲ ରେ ରହୁଥିବା ବେଳେ ଜ୍ଞାନଦେବୀ ତାଙ୍କୁ ନିୟମିତ ସାକ୍ଷାତ କରୁଥିଲେ । ଡ. ସାରିୟାତଙ୍କୁ ଉଦ୍ଧାର କରିବାକୁ ବିଜୁବାବୁ ଉଡାଜାହାଜରେ ଇଣ୍ଡୋନେସିଆକୁ ଯାଇଥିବା ବେଳେ ଜ୍ଞାନଦେବୀ ତାଙ୍କ ସାଙ୍ଗରେ ରହିଥିଲେ ବୋଲି ବିଜୁ ପରିବାରର ବରିଷ୍ଠ ସଦସ୍ୟ ତଥା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବେଦପାଠ, କୋରାନ ପାଠ ଏବଂ ବାଇବେଲ ପାଠ କରାଯାଇଥିଲା । ୧୪ ତମ ଶ୍ରାଦ୍ଧ ବାର୍ଷିକ ଅବସରରେ ଅମର ଆତ୍ମାକୁ ସମ୍ମାନ ଜଣାଇ ୧୪ଟି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ସାମାଜିକ କର୍ମୀ ଅଭିମନ୍ୟୁ ଧଳ ଉତ୍ସବକୁ ସଂଯୋଜନା କରିଥିଲେ । ଅନୁଷ୍ଠାନର ସଭାନେତ୍ରୀ ଶୈଳବାଳା ବେହେରା ଏବଂ ସମ୍ପାଦିକା ମୀନତି ପଣ୍ଡା ମଞ୍ଚାସୀନ ଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବାଦନ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନ୍‌ଏମ ମମତା ସାମଲଙ୍କୁ ଚଳିତ ବର୍ଷର ଜ୍ଞାନ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଥିଲା । ସକାଳେ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀଶ୍ୟାମସୁନ୍ଦରଙ୍କର ବଡସିଂହାର ବେଶ କରାଯାଇ ପୂଜାଅର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ଶତାଧିକ ସଦସ୍ୟାଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ପୁରୁଷ ସାମିଲ ହୋଇଥିଲେ । ଶେଷରେ ଲକ୍ଷ୍ମୀପ୍ରିୟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



ଏଏନ୍‌ଏମ୍ ମମତା ସାମଲଙ୍କୁ ଜ୍ଞାନ ପଟ୍ଟନାୟକ ଗୌରବ ସମ୍ମାନ ପ୍ରଦାନ କରାଯାଉଛି ।

## ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍

ପାଟଣା,୧୭।୨(ସ୍ୱ.ପ୍ର.):

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଡୁମୁରିଗୁଡ଼ା ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରୁ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଟଙ୍କା ଓ ମୋବାଇଲ ଲୁଟି ନେଇଛନ୍ତି। ଏନେଇ ପମ୍ପ ମାଲିକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଓଡି ୦୨ ବିଏଲ ୮୯୬୭ ନମ୍ବର ବିଶିଷ୍ଟ ଏକ ମାରୁତି ଆରଟିଗା ଗାଡ଼ିରେ ୫ ଜଣ ଦୁର୍ବୃତ୍ତ ପେଟ୍ରୋଲ ପମ୍ପରେ ଟାଙ୍କି ଫୁଲ କରିବା ପାଇଁ ସେଲସ୍ ମ୍ୟାନ ଲୋକନାଥ ମହାନ୍ତଙ୍କୁ କହିଥିଲେ। ଲୋକନାଥ ତେଲ ପକାଇବା ସମୟରେ ଗାଡ଼ିରୁ ଦୁଇଜଣ ବାହାରି କ୍ୟାସ କାଉଣ୍ଟରକୁ ସିକ୍ୟୁରିଟି ସନା ମୁଣ୍ଡାଙ୍କୁ ବନ୍ଧୁକ ଦେଖାଇ ଟଙ୍କା ମାଗିଥିଲେ। ଟଙ୍କା ନ ଥିବା କହିବା ପରେ ଗାଡ଼ି ପାଖକୁ ଫେରି ଆସି ସେଲସ ମ୍ୟାନଙ୍କୁ ବନ୍ଧୁକ, ଭୁଜାଲି ଦେଖାଇ ତାଙ୍କ ମୋବାଇଲ ଫୋନ୍ ନେଇଯାଇଥିଲେ। ପରେ ପକେଟରେଥିବା ୩ ହଜାର ୫ ଶହ ଟଙ୍କା ଲୁଟି ନେବା ସହ ୩ ହଜାର ୬୨୦ ଟଙ୍କାର ପେଟ୍ରୋଲ ଭଳି ଚମ୍ପଟ ମାରିଥିଲେ। ସେଲସମ୍ୟାନ ପମ୍ପ ମାଲିକ ତୁଷାର ରଞ୍ଜନ ସାହୁଙ୍କୁ ଜଣାଇଥିଲେ।

# କଂଗ୍ରେସର ହାତ୍ ସେ ହାତ୍ ଯୋଡୋ ଯାତ୍ରା



ହାତ୍‌ସେ ହାତ୍ ଯୋଡୋ ଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀ ।

ଧର୍ମଶାଳା,୧୭।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ କାଏମା ପଞ୍ଚାୟତର ଡେରାବର ଗ୍ରାମରେ କଂଗ୍ରେସ ପକ୍ଷରୁ ହାତସେ ହାତ ଯୋଡୋ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଆଇସିସିର ନିର୍ଦ୍ଦେଶ କ୍ରମେ ଭାରତ ବର୍ଷ ବ୍ୟାପୀ ପ୍ରତ୍ୟେକ ବୁଥସ୍ତରରେ ଏଭଳି କାର୍ଯ୍ୟକ୍ରମ କରାଯାଉଛି । ହାତ ସେ ହାତ ଯୋଡୋ କାର୍ଯ୍ୟକ୍ରମ ମାଧ୍ୟମରେ ସବୁ ଶ୍ରେଣୀ ଓ ସବୁ ବର୍ଗକୁ କଂଗ୍ରେସ ସହିତ ସାମିଲ କରିବା ସହିତ କଂଗ୍ରେସଠାରୁ ଦୁରେଇ ଯାଇଥିବା କର୍ମୀମାନଙ୍କୁ ଦଳକୁ ଫେରାଇ ଆଣିବା ପାଇଁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଧର୍ମଶାଳା ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କାଏମା ପଞ୍ଚାୟତର ବିଭିନ୍ନ ବୁଥ ପରିକ୍ରମା କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ସମ୍ପର୍କରେ ଲୋକମାନଙ୍କୁ ସଚେତନ କରବା ସହିତ ବୁଥସ୍ତରୀୟ ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷକ ନେତା ବସନ୍ତ ପରିଡା, ବ୍ଲକ ସଂଯୋଜକ ପ୍ରଫୁଲ୍ଲ କୁମାର ରାୟ, ଜିଲ୍ଲା ଦଳିତ ନେତା ବାବୁଲି ମଲିକ, ପୂର୍ବତନ ସମିତିସଭ୍ୟ ନରୋତ୍ତମ ନାୟକ, ନକୁଳ ଜେନା, ଯୁବକଂଗ୍ରେସ ସଭାପତି ବିନୋଦ ମଲିକ, ମିଟୁ ଜେନା, ମନ୍ଦର ମଲିକ, ଗୁଣନିଧି ମଲିକ, ବିଜୟ ନାୟକ, ବଟକୃଷ୍ଣ ବାରିକ, ସୁରେନ୍ଦ୍ର ଧଳ, ଅନିରୁଦ୍ଧ ମହାରଣା, କାର୍ତ୍ତିକ ସାହୁ, ଦେବାଶିଷ ପରିଡ଼ା ପ୍ରମୁଖ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।

**ଜିଲାସ୍ତରୀୟ କ୍ରିକେଟ, କଟକ ଜୁଭେଲାଇନ୍ସ ବିଜୟୀ**

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ମଧୁବନ ଏନ୍‌ଏସି ଗ୍ରାଉଣ୍ଡରେ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ କଟକ ଜୁଭେଲାଇନ୍ ୫ ଉଇକେଟ୍‌ରେ ଜିତିଛି। କଟକ ବିଡ଼ାନାସୀ ଟିମ୍ ଓ ଜୁଭେଲାଇନ୍ସ ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ବିଡ଼ାନାସୀ ପ୍ରଥମେ ବ୍ୟାଟିଂ କରି ୨୧.୪ ଓଭରରେ ୧୪୭ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଜୁଭେଲାଇନ୍ସ ୧୭.୦୨ ଓଭରରେ ୫ ଉଇକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଛି। ସାଇଦୀପ ମହାପାତ୍ର ଅପରାଜିତ ୫୬ ରନ କରି ମ୍ୟାନ୍ ଅଫ ଦି ମ୍ୟା ପୁରସ୍କାର ପାଇଥିଲେ।

## ସଂକ୍ଷେପରେ

### ପାରାଦୀପ ବନ୍ଦର: ୧୧୭.୫୯ ମିଲିୟନ ମେଟ୍ରିକ ଟନ୍ ପଣ୍ୟ କାରବାର

ପାରାଦୀପ,୧୭।୨(ସ୍ୱ.ପ୍ର.): ପାରାଦୀପ ବନ୍ଦର ଆର୍ଥିକ ବର୍ଷର ୪୩ ଦିନ ପୂର୍ବରୁ ୧୧୭.୫୯ ମିଲିୟନ ମେଟ୍ରିକ ଟନ ପଣ୍ୟ କାରବାର କରିଛି। ପୂର୍ବବର୍ଷ ତୁଳନାରେ ଏହା ୧୭.୫ପ୍ରତିଶତ ଅଭିବୃଦ୍ଧି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ଚଳିତ ଆର୍ଥିକ ବର୍ଷ ଶେଷ (ମାର୍ଚ୍ଚ ୩୧)ସୁଦ୍ଧା ୧୩୦ ମିଲିୟନ ମେଟ୍ରିକଟନ ପଣ୍ୟ କାରବାର ହାସଲ କରିବ ବୋଲି ଅଧକ୍ଷ ପି.ଏଲ୍. ହାରାନ୍ଧ ଆଶାବ୍ୟକ୍ତ କରିଛନ୍ତି।

### ରାଜପଥ ଗାଡି ପାସିଂ ଅଭିଯୋଗ : ୬ ଗିରଫ

ପାରାଦୀପ,୧୭।୨(ସ୍ୱ.ପ୍ର.): ପାରାଦୀପ ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥରେ ଭାରିଯାନ ପାସିଂ କରି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗରେ ଶୁକ୍ରବାର ୬ ଜଣଙ୍କୁ ଲକ୍ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଜ୍ୟୋତିରଞ୍ଜନ ପ୍ରଧାନ, ରଞ୍ଜନ କୁମାର ମଲ୍ଲିକ, ସରୋଜ କୁମାର ବାରିକ, କାବୁଲି ସ୍ୱାଇଁ, ଜ୍ୟୋତିରଞ୍ଜନ ଜେନା ଓ ସନ୍ତୋଷ କୁମାର ମଲ୍ଲିକ। ଏ ନେଇ ଥାନାରେ ୨ଟି ମାମଲା (ନଂ. ୭୦/୨୩ ଓ ୭୨/୨୩ ) ରୁଜୁ ହୋଇଛି। ଥାନା ଅଧିକାରୀ ଭାବଗ୍ରାହୀ ରାଉତଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ କେନ୍ଦ୍ରାପଡା ଜିଲା ସିଙ୍ଗଟାଲିଠାରୁ ପାରାଦୀପ ଦୋଛକି ରାସ୍ତାରେ ଧାଡ଼ିରେ ଥିବା ଲୁହାପଥର ବୋଝେଇ ଟ୍ରକଗୁଡ଼ିକୁ ଡାହାଣ ପଟ ରାସ୍ତାରେ ପାସିଂ କରାଇଥାନ୍ତି। ଏନେଇ ଗାଡ଼ି ପିଛା ୫୦୦ରୁ ୧୦୦୦ ଟଙ୍କା ଲେଖାଏ ନେଉଥିଲେ। ଏଥିଯୋଗୁ ଅଧିକାଂଶ ସ୍ଥାନରେ ଟ୍ରାଫିକ ସମସ୍ୟା ହେଉଥିଲା। କୌଣସି ବାଇକ୍ ଓ କାର ଚାଳକ ଏହାକୁ ବିରୋଧ କଲେ ସେମାନଙ୍କୁ ଅଭିଯୁକ୍ତମାନେ ଧମକ ଦେବା ସହ ମାଡ଼ମାରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା।

### ଇଫ୍‌କୋ କର୍ମଚାରୀ ୟୁନିୟନର ସାଧାରଣ ବୈଠକ

ପାରାଦୀପ,୧୭।୨(ସ୍ୱ.ପ୍ର.): ପାରଦୀପ ଇଫ୍‌କୋ କାରଖାନାର ସଂସ୍କୃତି ଭବନରେ ଶୁକ୍ରବାର କର୍ମଚାରୀ ୟୁନିୟନର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୟୁନିୟନର ୭୦୦ରୁ ଊର୍ଦ୍ଧ୍ୱ ସଦସ୍ୟା,ସଦସ୍ୟ ଯୋଗ ଦେଇଥିଲେ। ସଭାପତି ତୁଷାର ରଞ୍ଜନ ସାମନ୍ତରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ରାକେଶ କୁମାର ଓଝା ଯୋଗଦେଇ ବାର୍ଷିକ ବିବରଣୀ ଓ ଆୟବ୍ୟୟର ହିସାବ ଦେଇଥିଲେ। କାର୍ଯ୍ୟକାରୀ ସଭାର ସଦସ୍ୟ କମଳାକାନ୍ତ ଦଳାଇ, ଅନୀଲ ସାହୁ, ପ୍ରଭାତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆବାସ ଯୋଜନାରେ ଆଉ ୧୦ ହଜାର ଗୃହ ମିଳିବ

**ଜଗତ୍‌ସିଂହପୁର ଅଫିସ, ୧୭।୨**

ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ବରିଷ୍ଠ ନେତା ତଥା କେନ୍ଦ୍ର ମନ୍ତ୍ରୀମାନଙ୍କ ଗସ୍ତ ଓ ସମୀକ୍ଷାକୁ ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି। ଗୁରୁବାରଠାରୁ ରେଳ ଓ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜରଦୋଶ ୨ ଦିନିଆ ଜଗତ୍‌ସିଂହପୁର ଜିଲା ଗସ୍ତ କରି ଶୁକ୍ରବାର ମଧ୍ୟାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମୀକ୍ଷା କରିଥିଲେ। ବିଶେଷକରି କେନ୍ଦ୍ରୀୟ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଏହା ଉପରେ ଜିଲାପାଳ ପାରୁଲ ପଟୱାରି ବିସ୍ତୃତ ସୂଚନା ଦେଇଥିଲେ। ସେ କହିଥିଲେ, ଗତ ୫ ବର୍ଷରେ ଅର୍ଥାତ୍ ୨୦୨୦-୨୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୬,୩୮୩ ଜଣ ହିତାଧିକାରୀଙ୍କ ଗୃହ ନିର୍ମାଣ ପୂର୍ଣ୍ଣ ହୋଇପାରିଛି। ଆଉ ୧୦,୨୪୦ ହିତାଧିକାରୀଙ୍କ ତାଲିକା ଅନୁମୋଦନ ହୋଇଛି। ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୧,୨୯,୨୬୮ ଜଣ ହିତାଧିକାରୀଙ୍କୁ ଜାଳେଣି ଗ୍ୟାସ୍ ଯୋଗାଇ ଦିଆଯାଇପାରିଛି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା ଦାୟିତ୍ୱ ଏଚ୍‌ଡିଏଫ୍‌ସିଇଆର୍‌ଜିଓ ଉପରେ ନ୍ୟସ୍ତ କରାଯାଇଛି। ଏହି କମ୍ପାନୀ ୨୦୨୨-୨୩ରେ ୧୮,୧୬୩ ଚାଷୀଙ୍କ ୮,୨୧୦ ହେକ୍ଟର ଚାଷ ଜମିକୁ ବୀମା ଅନ୍ତର୍ଭୁକ୍ତ କରିପାରିଛି। ସେହିପରି ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ୧,୨୩,୬୫୩ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୧,୧୯,୧୩୭ ଚାଷୀଙ୍କ ଆଧାର ପ୍ରାମାଣିକୀକରଣ ଯାଞ୍ଚ କରାଯାଇଛି। ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ଜିଲାରେ ୫୫,୭୯୫ ହିତାଧିକାରୀଙ୍କୁ ସହାୟତା ଯୋଗାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ୫୫,୧୩୮ ଜଣଙ୍କ ନାମ ଚୟନ ପରେ ଡିବିଟି ମାଧ୍ୟମରେ ମାସିକ ଭତ୍ତା ଯୋଗାଇ ଦିଆଯାଉଛି। ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦୨୨-୨୩ ଆର୍ଥିକ ବର୍ଷ ୩୨୧ ଜଣ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। ଜଳଜୀବନ ମିଶନ ଅନ୍ତର୍ଗତ ୨୨୬ଟି ପ୍ରକଳ୍ପ ମଧ୍ୟରୁ ୪୫ଟିର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ୧୮୧ଟିର କାର୍ଯ୍ୟ ଚାଲୁ ରହିଛି। ୭୫ଟି ଅମୃତ ସରୋବର ନିର୍ମାଣ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ସେଥିରୁ ୧୩ଟି ପୂର୍ଣ୍ଣ ହୋଇପାରିଥିବା ଜିଲାପାଳ ସୂଚନା ଦେଇଥିଲେ। ବଡ କଥା ହେଲା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ସଫଳ ରୂପାୟନରେ କୌଣସି ପ୍ରକାର ଅବହେଳାକୁ ଗ୍ରହଣ କରାଯିବ ନାହିଁ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ୱାନ ନେସନ ୱାନ ରାଶନ କାର୍ଡ ଯୋଜନାର କାର୍ଯ୍ୟକାରିତାରେ ଆଦୌ ବିଳମ୍ବ ହେବା ଉଚିତ ନୁହେଁ ବୋଲି ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ପରିଷଦ ଅଭିମନ୍ୟୁ ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଅଧୀକ୍ଷଣ ଯନ୍ତ୍ରୀ କିଶୋର କୁମାର କବି, ଉପନିର୍ଦ୍ଦେଶକ ବୟନ ଶିଳ୍ପ, ସହକାରୀ ନିର୍ଦ୍ଦେଶକ, ହସ୍ତଶିଳ୍ପ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରମନ୍ତ୍ରୀ ଦର୍ଶନା ଜାରଦୋସ, ଜିଲାପାଳ ପାରୁଲ ପଟ୍ଟୱାରି ଓ ଅନ୍ୟ ଅଧିକାରୀମାନେ।

- କେନ୍ଦ୍ରୀୟ ଯୋଜନା ଉପରେ କେନ୍ଦ୍ର ରେଳ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀଙ୍କ ସମୀକ୍ଷା
- ସାମାଜିକ ସୁରକ୍ଷା ଯୋଜନାରେ ୫୫ ହଜାର ଉପକୃତ
- ୱାନ୍ ନେଶନ ୱାନ ରାଶନ କାର୍ଡ ଉପରେ ଗୁରୁତ୍ୱ

### ଖବରଦାତା ସମ୍ମିଳନୀ ବାତିଲକୁ ନେଇ ଚର୍ଚ୍ଚା

କେନ୍ଦ୍ରମନ୍ତ୍ରୀଙ୍କ ୨ ଦିନିଆ ଗସ୍ତର ସମୟ ସାରଣୀ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇଥିଲା। ଏହି ଅନୁଯାୟୀ ଶୁକ୍ରବାର ଅପରାହ୍ନ ୪ଟାରେ ସ୍ଥାନୀୟ ସର୍କିଟ ହାଉସରେ କେନ୍ଦ୍ରମନ୍ତ୍ରୀ ଖବରଦାତା ସମ୍ମିଳନୀ କରିବେ ବୋଲି ଉଲ୍ଲେଖ ଥିଲା। ଏହି ମୁତାବକ କେତେଜଣ ଗଣମାଧ୍ୟମ ପ୍ରତିନିଧି ଧାର୍ଯ୍ୟ ସମୟ ପୂର୍ବରୁ ସର୍କିଟ ହାଉସରେ ପହଞ୍ଚିଥିଲେ। ଆଉ କେତେଜଣ ଭାଜପା ମିଡିଆ ସେଲ୍ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ଫୋନ କରି ବୁଝିବାକୁ ଚାହିଁଥିଲେ। କିନ୍ତୁ ଏହାକୁ ବାତିଲ କରି ଦିଆଯାଇଥିବା ଉତ୍ତର ମିଳିଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସମ୍ମିଳନୀ ବାତିଲ ସମ୍ପର୍କରେ ମଧ୍ୟ ଆଗୁଆ କୌଣସି ସୂଚନା ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇ ନ ଥିଲେ। ଏଭଳି ବ୍ୟତିକ୍ରମକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# 'କେନ୍ଦ୍ର ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଅ'

### କେନ୍ଦ୍ର ମନ୍ତ୍ରୀ ଜାରଦୋସଙ୍କ କୁଜଙ୍ଗ ଗସ୍ତ

**କୁଜଙ୍ଗ,୧୭।୨(ଡି.ଏନ୍.ଏ.)**

କେନ୍ଦ୍ର ରେଳ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜରଦୋଶ ଶୁକ୍ରବାର କୁଜଙ୍ଗ ପଞ୍ଚାୟତର ଗସ୍ତ କରି ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ପରିଦର୍ଶନ କରିଥିଲେ । ସେଠାରେ କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ଖାଦ୍ୟ ସୁରକ୍ଷା ଯୋଜନାର ଅନୁଧ୍ୟାନ କରିଥିଲେ । ସେ କୁଜଙ୍ଗସ୍ଥିତ ପ୍ରଶାନ୍ତ ସ୍ୱାଇଁଙ୍କ ଖୁଚୁରା ବିକ୍ରୟ କେନ୍ଦ୍ରକୁ ଯାଇ ଚାଉଳର ମାନ ଅନୁଧ୍ୟାନ କରିବା ସହ ସୁଷମ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ସାଧାରଣ ହିତାଧିକାରୀଙ୍କଠାରୁ ପଚାରୀ ବୁଝିଥିଲେ । ଚାଉଳ କିଏ ଦେଉଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ ପଚାରିବାରେ ହିତାଧିକାରୀମାନେ ବିଜେଡି ସରକାର ଦେଉଛି ବୋଲି କହିଥିଲେ। ଏହାଶୁଣି ସେଠାରେ ଉପସ୍ଥିତ ଥିବା ଭାଜପାର ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ଏମ୍‌ପି ଡ. ବିଭୁପ୍ରସାଦ ତରାଇ ଓ ପାରାଦୀପ ନିର୍ବାଚନ ମଣ୍ଡଳୀର ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମ୍ପଦ ସ୍ୱାଇଁଙ୍କ ଉପରେ ମନ୍ତ୍ରୀ ଜାରଦୋସ ଅସନ୍ତୋଷ ବ୍ୟକ୍ତକରିଥିଲେ । ସଂଗଠନ ସୁଦୃଢ କରିବାସହ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ପଦକ୍ଷପ ନେବାକୁ ତାଗିଦ କରିଥିଲେ । ତାଙ୍କର ଏହି ଗସ୍ତ ସମୟରେ ଭାଜପାର ପ୍ରଭାତୀ ପରିଡାଙ୍କ ସମେତ ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ମଣ୍ଡଳ ସଭାପତି ଚୈତନ୍ୟ ଖଟୁଆ, ସମ୍ପାଦକ ରାଜେନ୍ଦ୍ର ନାରାୟଣ ଦାସ, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଦୁଷ୍ମନ୍ତ ନାଥ ଶର୍ମା ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୁଶ୍ରୀ ପିୟଦର୍ଶିନୀ, ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ତିର୍ତ୍ତୋଲ ବିଧାୟକଙ୍କୁ ଅଯଥା ବଦନାମ କରା ନ ଯାଉ

### ଯୁବ, ଛାତ୍ର ବିଜେଡିର ଖବରଦାତା ସମ୍ମିଳନୀ

**ତିର୍ତ୍ତୋଲ,୧୭।୨(ଡି.ଏନ.ଏ.)**

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିରୋଧରେ ବିଭିନ୍ନ ରାଜନୈତିକ ଦଳ ତରଫରୁ ହେଉଥିବା କୁତ୍ସାରଟନାକୁ ଯୁବ ଓ ଛାତ୍ର ବିଜେଡି ବିରୋଧ କରିଛି। ଏନେଇ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଜେଡି ଯୁବ ଛାତ୍ର ଜନତା ପକ୍ଷରୁ ଶାରଳା ରୋଡସ୍ଥିତ କାର୍ଯ୍ୟାଳୟ ଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁମିତ ଦାସ, ଛାତ୍ର ବିଜେଡି ସଭାପତି ଶୁଭ୍ରକାନ୍ତ ଜେନା, ତୁଷାର ବିଶ୍ୱାଳ, ଯୋଶେଫ ସାଇଁ, ସୁଶାନ୍ତ ସାହୁ, ଗୋରେଖ ଆଶ୍ରୀତ ବେହେରା, ସୁଜିତ ମହାନ୍ତି, କାଳନ୍ଦୀ ଦାଶ ପ୍ରମୁଖ ଯୋଗଦେଇ ବିଧାୟକ ଦାସଙ୍କ ବିରୋଧରେ କଟୁ ମନ୍ତବ୍ୟ ଦେଉଥିବା ବ୍ୟକ୍ତିଙ୍କୁ ତାଗିଦ କରିଥିଲେ। ସେମାନଙ୍କ କହିବା କଥା ଅନୁଯାୟୀ, ବିଧାୟକଙ୍କୁ ନେଇ ଉଚ୍ଚ ନ୍ୟାୟାଳୟ ଦେଇଥିବା ଆଦେଶକୁ ଆମେ ସାଗତ କରୁଛୁ । ବିଜେଡ଼ି ସବୁବେଳେ ନାରୀଙ୍କୁ ସମ୍ମାନ ଦେଇ ଆସିଛି। ବିଧାୟକ ଦାସଙ୍କ ବିରୋଧରେ ଦିଆଯାଇଥବା ଅଭିଯୋଗର ତଦନ୍ତ ଚାଲିଛି। ପୋଲିସ ତଦନ୍ତ ଏବଂ ଅନୁସନ୍ଧାନ ପରେ ସତ୍ୟ ପଦାକୁ ଆସିବ। ତଦନ୍ତକୁ ଅପେକ୍ଷା ନ କରି ବିଭିନ୍ନ ରାଜନୈତିକ ଦଳଗୁଡ଼ିକୁ ବିଧାୟକ ଦାସଙ୍କ ବିରୋଧରେ ଅରୁଚି କର ମନ୍ତବ୍ୟ ଦେଉଛନ୍ତି ତାହା ନିନ୍ଦନୀୟ ବୋଲି ଯୁବ ଛାତ୍ର ବିଜେଡି କର୍ମୀମାନେ କହିଛନ୍ତି।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ୍‌ର ପ୍ରତିବାଦ ସଭା

**ବିରିଡି,୧୭।୨(ଡି.ଏନ.ଏ)**

କେନ୍ଦ୍ରର ଜନ ବିରୋଧୀ ବଜେଟ ଓ ବାଣୀବିହାର ବିଶ୍ୱବିଦ୍ୟାଳୟରେ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ସୁରଜିତ ମଜୁମଦାରଙ୍କ ଉପରେ ହୋଇଥିବା ଆକ୍ରମଣକୁ ଶୁକ୍ରବାର ବିରିଡି ବ୍ଲକରେ ବିରୋଧ କରାଯାଇଛି। ଏନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇଛି। ଉକ୍ତ ସଭାରେ ନଟବର ପଲାଇ ସଭାପତିତ୍ୱ କରିଥିଲେ। ସିପିଆଇଏମ ଜିଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ ଏଥିରେ ଯୋଗ ଦେଇ କହିଥିଲେ, ଦେଶର ଲକ୍ଷ ଲକ୍ଷ କୋଟି ଟଙ୍କା କେତେଜଣ ବ୍ୟବସାୟୀଙ୍କ ହାତରେ ଟେକି ଦିଆଯାଇଛି। ଜନ ବିରୋଧି କେନ୍ଦ୍ର ବଜେଟ କରାଯାଇଛି । ଏହି ବଜେଟରେ ସାଧାରଣ ଗରିବ ଲୋକଙ୍କ ସହ ସମସ୍ତ ବର୍ଗର ଲୋକଙ୍କ ପାଇଁ ବିଶେଷ କିଛି ନାହିଁ ଅଭିଯୋଗ କଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଓଡିଶା କ୍ଷେତ ମଜ୍‌ଦୁର ୟୁନିୟନର ରାଜ୍ୟ କମିଟି ସଭ୍ୟ ଯୁଧିଷ୍ଠିର ଦାସ, ଓଡିଶା କୃଷକ ସଭାର ରାଜ୍ୟକମିଟି ସଭ୍ୟ ଗଣେଶ ଚନ୍ଦ୍ର ମାଣିଆ, ଜିଲା କମିଟି ସଭ୍ୟ ବେଣୁଧର ବାରିକ, ବର୍ଷା ବାରିକ, ପ୍ରଶାନ୍ତ ମାଣିଆ, ନାରାୟଣ ମିଶ୍ର, ହରି ଚରଣ ସାହୁ, ରାମ ଚନ୍ଦ୍ର ଭୋଇ, ଦିନବନ୍ଧୁ ମଲିକ ପ୍ରମୁଖ ଯୋଗ ଦେଇଥିଲେ ।




ବିରିଡ଼ି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ୍ କର୍ମୀମାନେ ପ୍ରତିବାଦ କରୁଛନ୍ତି।

### ଯୌତୁକ ପାଇଁ ବଧୂ ନିର୍ଯାତନା: ଥାନାରେ ମାମଲା

**ବାଲିକୁଦା,୧୭।୨(ସ୍ୱ.ପ୍ର.)**

ବାଲିକୁଦା ଥାନା ବାଲିସାହି ଗ୍ରାମର ରାଧୁ ସାହୁଙ୍କ ଝିଅ ବେବିନାଙ୍କୁ ଶାଶୁ ଘର ଲୋକେ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୭୭/୨୩) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ବେବିନା ୨୦୧୪ରେ ଏରସମା ଥାନା ଅନ୍ତର୍ଗତ ପଞ୍ଚପଲ୍ଲୀ ଗ୍ରାମର କ୍ଷେତ୍ରବାସୀ ସାହୁଙ୍କ ପୁଅ ମନୋରଞ୍ଜନଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଜାନିଯୌତୁକ ଆକାରରେ ନଗଦ ୧ଲକ୍ଷ ୨୦ ହଜାର ଟଙ୍କା ସମେତ ସୁନାଗହଣା ଓ ଅନ୍ୟାନ୍ୟ ଆସବାବପତ୍ର ଆଦି ଦିଆଯାଇଥିଲା। ମାତ୍ର ବିବାହର କିଛି ଦିନ ପରେ ଅଧିକ ୧ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ବେବିନାଙ୍କ ଉପରେ ସ୍ୱାମୀ ଚାପ ପକାଇଥିଲେ। ମାତ୍ର ତାଙ୍କ ବାପା ଏହାକୁ ଦେବାକୁ ସକ୍ଷମ ହୋଇ ପାରି ନ ଥିଲେ। ଏନେଇ ବେବିନାଙ୍କୁ ସ୍ୱାମୀ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏହାକୁ ଶାଶୁ, ଶ୍ୱଶୁର ସମର୍ଥନ କରିଥିଲେ। ଏପରିକି ଦିଅର ତାଙ୍କ ସହ ଖରାପ ସମ୍ପର୍କ ରଖିବାକୁ ଉଦ୍ୟମ କରିଥିଲେ। ମାତ୍ର ବେବିନା ଏହାକୁ ବିରୋଧ କରିବାରୁ ଶାଶୁ ଘର ଲୋକେ ତାଙ୍କୁ ଘରୁ ବାହାର କରିଦେଇଥିଲେ। ସେବେଠାରୁ ବେବିନା ବାପ ଘରେ ରହୁଛନ୍ତି। ଅପରପକ୍ଷେ ୨ ଲକ୍ଷ ଟଙ୍କା ଆଣିଲେ ଶାଶୁ ଘରକୁ ଆସିବୁ ବୋଲି ଶାଶୁ ଘର ଲୋକେ ଦାବି କରୁଥିବା ନେଇ ବେବିନା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସଲିଳ ପ୍ରଧାନ କହିଛନ୍ତି।

# 'ନାମ ସଂକୀର୍ତ୍ତନ ଦ୍ୱାରା ଭଗବତ କୃପା ମିଳେ'



ସଂକୀର୍ତ୍ତନ ମଣ୍ଡଳୀର ସୁବର୍ଣ୍ଣ ଜୟନ୍ତୀରେ ଯୋଗଦେଇଥିବା ଅତିଥିମାନେ।

**ବାଲିକୁଦା,୧୭।୨(ସ୍ୱ.ପ୍ର.)**

ନାମ ସଂକୀର୍ତ୍ତନ ଦ୍ୱାରା ସଂସାର ଭିତରେ ଥିବା ଦୁଶ୍ଚିନ୍ତା ଦୂର ହେବା ସହିତ ଭଗବତ କୃପା ମିଳିଥାଏ ବୋଲି ଦରଡ଼ାସ୍ଥିତ ମା' ଦୂର୍ଗାୟଣୀ ସଂକୀର୍ତ୍ତନ ମଣ୍ଡଳୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଓ ସମ୍ବର୍ଦ୍ଧନା ସମାରୋହରେ ଅତିଥିମାନେ କହିଛନ୍ତି। ବୀର ନାରାୟନ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ମୁଖ୍ୟବକ୍ତା ଭାବେ ତିହୁଡ଼ାସ୍ଥିତ ଗୁରୁ କୃପା କୁଟୀରର ବାବା ସତ୍ୟାନନ୍ଦ ଦାସ ମହାରାଜ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସ୍ଥାନୀୟ ସରପଞ୍ଚ ସାଗରିକା ପରିଡ଼ା, ସମିତି ସଭ୍ୟ ସମରେନ ରାୟ, ତିତିରା ସରପଞ୍ଚ ପ୍ରତିନିଧି ସୁଶାନ୍ତ ନାୟକ, ଜିଲା ପରିଷଦ ସଦସ୍ୟା ରୁନିଲତା ବେହେରା, ବିଡିଓ ଜିତେନ୍ଦ୍ର ନାୟକ, ଥାନାଧିକାରୀ ସଲିଳ ପ୍ରଧାନ, ମାଧବାନନ୍ଦ ଜେନା, ବସନ୍ତ ନାୟକ, ବ୍ରହ୍ମାନନ୍ଦ ସେନାପତି ପ୍ରମୁଖ ଯୋଗଦେଇ ଥିଲେ। ଅମୂଲ୍ୟ ସେନାପତି ବିବରଣୀ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ମାଟ୍ରିକ ପରୀକ୍ଷାରେ ଏ ୱାନରେ ଉତ୍ତୀର୍ଣ୍ଣ ହୋଇଥିବା ବୋରିକିନା ଉଚ୍ଚ ବିଦ୍ୟାଳୟର ୩ ଜଣ ଛାତ୍ରଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫୦ରୁ ଊର୍ଦ୍ଧ୍ୱ ପ୍ରତିଭାଧାରୀଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ନାକଚ ଭୋଟ, ୯ନଂ. ବୁଥ୍ ପୁନଃଗଣତି ପାଇଁ ନିର୍ଦ୍ଦେଶ

### ହୁଁସୁରା ସରପଞ୍ଚ ନିର୍ବାଚନ ମାମଲା

**କଟକ ଅଫିସ,୧୭।୨**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ହୁଁସୁରା ପଞ୍ଚାୟତ ସରପଞ୍ଚ ନିର୍ବାଚନର ଭୋଟ ପୁନଃଗଣତି ପାଇଁ ନିର୍ବାଚନ ଟ୍ରିବ୍ୟୁନାଲଙ୍କ ଆଦେଶକୁ ହାଇକୋର୍ଟ ବଦଳାଇ ନାକଚ ଭୋଟ ସମେତ କେବଳ ୯ ନମ୍ବର ବୁଥ୍‌ର ପୁନଃଗଣତି ପାଇଁ ଶୁକ୍ରବାର ରାୟ ପ୍ରଦାନ କରିଛନ୍ତି। ସମ୍ପୂର୍ଣ୍ଣ ଭୋଟ ପୁନଃଗଣତି ନେଇ ନିର୍ବାଚନ ଟ୍ରିବ୍ୟୁନାଲ ଦେଇଥିବା ଆଦେଶକୁ ଚାଲେଞ୍ଜ କରି ବିଜୟୀ ସରପଞ୍ଚ ପ୍ରାର୍ଥୀ ରବିନାରାୟଣ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ବିଶ୍ୱନାଥ ରଥଙ୍କ ଖଣ୍ଡପୀଠ ମାମଲାର ବିଚାର କରି ଆସନ୍ତା ୨୦ ତାରିଖ ସୁଦ୍ଧା ପୁନଃ ଭୋଟ ଗଣତି ଶେଷ କରିବାକୁ ରାୟ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ଓ ଅନ୍ୟମାନେ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ସରପଞ୍ଚ ନିର୍ବାଚନ ନିମନ୍ତେ ୨୦୨୨ ଜାନୁୟାରୀ ୧୩ର ବିଜ୍ଞପ୍ତି ଅନୁଯାୟୀ ହୁଁସୁରା ପଞ୍ଚାୟତରେ ମନୋନୟନ ପତ୍ର ଦାଖଲଠାରୁ ଆରମ୍ଭ କରି ଭୋଟ ଗଣତି ଶେଷ ହୋଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିଲା। ବିଜୟୀ ପ୍ରାର୍ଥୀ ରବିନାରାୟଣ ଦାସଙ୍କୁ ସୂର୍ଯ୍ୟ ଚିହ୍ନରେ ୮୨୧ ଖଣ୍ଡ ଭୋଟ ମିଳିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆଲୋକ ମଲ୍ଲିକଙ୍କୁ ଖୋଲାବହି ଚିହ୍ନରେ ୮୨୦, ଗୌରାଙ୍ଗ ଚରଣ ଦାସଙ୍କୁ ମାଛ ଚିହ୍ନରେ ୪୧୮ ଖଣ୍ଡ ଭୋଟ ମିଳିଥିଲା। ମୋଟ ପୋଲିଂ ୨୦୯୦ ହୋଇଥିବାବେଳେ ୩୧ ଖଣ୍ଡ ଭୋଟ ନାକଚ ହୋଇଥିଲା। ଏନେଇ ପରାଜିତ ପ୍ରାର୍ଥୀ ଆଲୋକ ନିର୍ବାଚନ ଟ୍ରିବ୍ୟୁନାଲରେ ବିଜୟୀ ପ୍ରାର୍ଥୀଙ୍କ ପଦ ରଦ୍ଦ କରିବା ସହ ପୁନଃ ଭୋଟଗଣତି ପାଇଁ ଆବେଦନ କରି ଏକ ମାମଲା (ନଂ.୪/୨୨) ରୁଜୁ କରିଥିଲେ। ଉଭୟ ପ୍ରାର୍ଥୀଙ୍କ ମଧ୍ୟରେ ୧ ଖଣ୍ଡ ଭୋଟ ବ୍ୟବଧାନ ରହୁଥିବାରୁ ଟ୍ରିବ୍ୟୁନାଲ ମାମଲାର ଶୁଣାଣି କରି ପୁନଃ ଭୋଟ ଗଣତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୨୩ ଫେବୃୟାରୀ ୪ରେ ଟ୍ରିବ୍ୟୁନାଲ ନିର୍ବାଚନ ଅଧିକାରୀଙ୍କୁ ବାଲଟ ପେପର ଭର୍ତ୍ତି ବାକ୍ସ ପୁନଃଗଣତି ପାଇଁ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇ ୨୦୨୩ ଫେବୃୟାରୀ ୧୦ ତାରିଖକୁ ଧାର୍ଯ୍ୟ କରିଥିଲେ। ହେଲେ ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ରବିନାରାୟଣ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଅଦାଲତ ବୁଥ୍ ନଂ. ୯ର ଭୋଟ ଗ୍ରହଣ ସମ୍ପର୍କିତ କାଗଜାତ ଯାଞ୍ଚ ସହ ସେହି ବୁଥ୍‌ର ଭୋଟ ପୁନଃଗଣତି ଓ ନାକଚ ଭୋଟ ୩୧ଟିର ଯାଞ୍ଚ କରିବାକୁ ରାୟ ପ୍ରକାଶ କରି ମାମଲାର ଅନ୍ତ ଘଟାଇଛନ୍ତି।

# ରାସ୍ତା ନିର୍ମାଣ ପାଇଁ ଜମି ଛାଡ଼ିବାକୁ ରାଜିହେଲେ ମାଲିକ



ଗ୍ରାମ ଉନ୍ନୟନ ବିଭାଗ ଉପଦେଷ୍ଟା ସବିତା ମହାପାତ୍ର ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**କୁଜଙ୍ଗ ୧୭।୨ (ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଣ୍ଡୁଆରୁ ଇବ୍ରିସିଂ ୭ କି.ମି. ରାସ୍ତା ଓ ଗ୍ରାମ୍ୟ ଉନ୍ନୟନ ରାସ୍ତାରୁ ବାଲଙ୍ଗ ପର୍ଯ୍ୟନ୍ତ ୩ କି.ମି. ରାସ୍ତା ନିର୍ମାଣରେ ବାଧକ ସାଜୁଥିବା ଘରୋଇ ଜମି ସମସ୍ୟାର ସମାଧାନ ହୋଇଯାଇଛି। ଗ୍ରାମ ଉନ୍ନୟନ ବିଭାଗ ଉପଦେଷ୍ଟାଙ୍କ ହସ୍ତକ୍ଷେପ ପରେ କିଛି ଜମି ଛାଡିବାକୁ ମାଲିକମାନେ ରାଜି ହୋଇଛନ୍ତି।

ପ୍ରକାଶଯେ ଉକ୍ତ ୨ ରାସ୍ତାର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଯଥାକ୍ରମେ ୫ କୋଟି ୫୪ଲକ୍ଷ ଓ ୧କୋଟି ୬୭ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଟେଣ୍ଡର ହୋଇଥିଲା। କାର୍ଯ୍ୟାଦେଶ ପାଇଲାପରେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ଦେଖିବାକୁ ପାଇଲେ କିଛି ସ୍ଥାନରେ ରାସ୍ତାର ଚଉଡା ନିମନ୍ତେ ଘରୋଇ ଜମି ଉପରେ ନିର୍ଭର କରିବାକୁ ପଡୁଛି । ମାତ୍ର ଜମି ମାଲିକମାନେ ତାଙ୍କ ଯାଗାକୁ ଚଢ଼ାଇ ରାସ୍ତା ଯାଉ ବୋଲି ଚାହୁଁ ନ ଥିଲେ । ଯାହାଫଳରେ ରାସ୍ତା କାମ ଆରମ୍ଭ ହୋଇପାରୁ ନ ଥିଲା । ଖବରପାଇ ଗ୍ରାମ ଉନ୍ନୟନ ବିଭାଗ ଉପଦେଷ୍ଟା ସବିତା ମହାପାତ୍ର, ଜଗତ୍‌ସିଂହପୁର ନିର୍ବାହୀ ଯନ୍ତ୍ରୀ ଅନନ୍ତ ଗୋପାଳ ଶତପଥୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟନ୍ତ କୁମାର ପୃଷ୍ଟି ବାଲଙ୍ଗରେ ପହଁଚି ଜନସାଧାରଣ ଓ ଜମିମାଲିକଙ୍କ ସହ ଆଲୋଚନା କରି ରାସ୍ତା ନିର୍ମାଣ ନିମନ୍ତେ ପଥ ପରିଷ୍କାର କରିଛନ୍ତି । ଏହି ଅବସରରେ ଉପଦେଷ୍ଟା ମହାପାତ୍ର କହିଥିଲେ, ରାଜ୍ୟ ସରକାର ଆମର ଯାତାୟତ ପାଇଁ ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି । ଯଦି ଆମେ ଏ ସୁଯୋଗ ହାତଛଡା କରିବା ଭବିଷ୍ୟତରେ ଆମକୁ ଭାବିବାକୁ ପଡିବ। ଯେଉଁମାନଙ୍କର ୧ଫୁଟ କି ଦୁଇ ଫୁଟ ଜାଗାଯାଉଛି ସେମାନେ ସର୍ବସାଧାରଣଙ୍କ ଗମନା ଗମନ ନିମନ୍ତେ ଉତ୍ସର୍ଗ କଲେ ଆମ ଜନ୍ମ ଭୂମି ଆଲୋକିତ ହେବ । ଏହାପରେ ସମସ୍ତେ ରାସ୍ତା ନିର୍ମାଣ ପାଇଁ ସହଯୋଗ କରିବେ ବୋଲି କହିଛନ୍ତି। ଉକ୍ତ ଆଲୋଚନାରେ ଜନସାଧାଣଙ୍କ ସମେତ ପୂର୍ବତନ ସରପଞ୍ଚ ନନ୍ଦିନୀ ପଣ୍ଡା ଓ ଅଜୟ ମହାନ୍ତି ପ୍ରମୁଖ ଭାଗ ନେଇଥିଲେ ।

# ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ଦିଗରେ ଶିକ୍ଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ପାଠଚକ୍ର

**ନାଉଗାଁ,୧୭।୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ 'ସାମ୍ପ୍ରତିକ ଭାରତ ନିମନ୍ତେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା' ଶୀର୍ଷକ ଉପରେ ଏକ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ଚାଇନା ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ପାଠ୍ୟଚକ୍ରରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ଜ୍ୟୋତିଷ ଚନ୍ଦ୍ର ଦାସ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ଦିଗରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପରିଚାଳନା ସମିତି ସଭାପତି ମନୋଜ କୁମାର ମହାନ୍ତି ଯୋଗଦେଇ ଆମ ଦେଶରେ ଶିକ୍ଷାର ଗୁଣାତ୍ମକ ବୃଦ୍ଧି ନିମନ୍ତେ ଶୈକ୍ଷିକ ପ୍ରଶାସନ କ୍ଷେତ୍ରରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଡା. କାର୍ତ୍ତିକ ଦାସ, ପ୍ରାଧ୍ୟାପକ ବିଭୂତି ଭୂଷଣ ସ୍ୱାଇଁ, ପ୍ରଫେସର ଡା. ତ୍ରିନାଥ ଦାସ ପ୍ରମୁଖ ଯୋଗଦେଇ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପାଠ୍ୟଚକ୍ରରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା ଓ ଅଧ୍ୟାପକମାନେ ଯୋଗ ଦେଇ ସନ୍ଦର୍ଭ ସମ୍ବନ୍ଧୀୟ ମତାମତ ଉପସ୍ଥାପନ କରିଥିଲେ। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ରହିଥିବା କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆବଶ୍ୟକ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ପ୍ରଧାନ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଏକ ପ୍ରତିମୂର୍ତ୍ତି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପାଠ୍ୟଚକ୍ର ପ୍ରସଙ୍ଗ ସନ୍ଦର୍ଭକୁ ତୁଷାରକାନ୍ତ ଦାସ ଓ ମନଲୋଭା ପ୍ରଧାନ ଉପସ୍ଥାପନା କରିଥିଲେ। ହୃଦାନନ୍ଦ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରଭାତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ଜ୍ୟୋତିପ୍ରକାଶ ଲେଙ୍କା, ବିଜୟ କୁମାର ସାହୁ, ଚନ୍ଦ୍ରଶେଖର ପୁହାଣ, ଚୈତନ୍ୟ ଚରଣ ପରିଡ଼ା ଓ ଦିନେଶ କୁମାର ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। କର୍ମଚାରୀ ସରୋଜ ଲେଙ୍କା, ରଞ୍ଜିତ ମହାନ୍ତି, ସ୍ୱରାଜ ପରିଜା, ପପିନ୍ଦ୍ର ଲେଙ୍କା, ଏମ୍‌ଏସ୍ ନୀହାର ରଞ୍ଜନ ପ୍ରମୁଖ ସହଯୋଗ କରିଥିଲେ।




ରାଜ୍ୟସ୍ତରୀୟ ପାଠଚକ୍ରରେ ଭାଗନେଇଥିବା ଅତିଥି ଓ ଅନ୍ୟମାନେ।

# ପୁଣ୍ୟଫଳ ଦିଏ ଲଡୁବାବାଙ୍କ ମହାଦୀପ ଦର୍ଶନ

## ଆଜି ମହାଶିବରାତ୍ରି

ଶିବ ଅର୍ଥ କଲ୍ୟାଣକାରୀ ବା ଶୁଭକାରୀ। ସେ ଦେବ ଦେବ ମହାଦେବ, ଅକର୍ମ କର୍ମ ଦାୟକ। ପରମପିତା ଓ ସୃଷ୍ଟିର ଆଦି ଗୁରୁ। କେଉଁ ଆବହାନ କାଳରୁ ଶ୍ରଦ୍ଧାଳୁମାନଙ୍କର ସଙ୍କଟମୋଚନ କରିବା ନିମନ୍ତେ ପ୍ରଭୁ ଲଡୁକେଶ ମହେଶ ଛତ୍ରାକାର ଲିଙ୍ଗ ରୂପରେ ଶରଣକୁଳଠାରେ ଆବିର୍ଭୂତ। ବର୍ଷକୁ ଥରେ ମହାଶିବରାତ୍ରୀରେ ଛତ୍ରାକାର ଲିଙ୍ଗ ଦର୍ଶନ ଓ ରାତ୍ରି ଉଜାଗରର ଦୀପ ପ୍ରଜ୍ୱଳନ ଆଣି ଦିଏ ଭକ୍ତଙ୍କ ପାଇଁ ପୁଣ୍ୟଫଳ, କଲ୍ୟାଣ ଓ ଉତ୍କଣ୍ଠା ସାଉଁଟିବାର ତୀବ୍ର ପ୍ରୟାସ ବୋଧ। ଏତତ ବ୍ୟତୀତ ଲଡୁବାବାଙ୍କ ବେଢ଼ା ପରିକ୍ରମା, ମହାଦୀପ ଦର୍ଶନ ଓ ହରହର ହେ ଲଡୁକେଶ୍ୱର ଲଡୁବାବାଙ୍କ ଡ଼ାକରେ ଭକ୍ତ ହୋଇଥାନ୍ତି ବିଭୋର।


ଶରଣକୁଳର ଲଡୁବାବା ମନ୍ଦିର।

ନୟାଗଡ଼ ଅଫିସ,୧୭।୨

ରାତି ପାହିଲେ ମହା ଶିବରାତ୍ରୀ। ଜାଗର ଯାତ୍ରା ଅବସରରେ ଉତ୍ସବ ମୁଖର ହୋଇ ଉଠିଛି ନୟାଗଡ଼ ଜିଲାର ଶରଣକୁଳସ୍ଥିତ ଲଡୁବାବାଙ୍କ ପୀଠ। ମହାପ୍ରଭୁ ଭୋଳା ଶଙ୍କର ନୟାଗଡ଼ରେ ଦ୍ୱାଦଶ ଶିବ ଲିଙ୍ଗ ଭାବେ ପୂଜିତ। ସେହି ଦ୍ୱାଦଶ ଶିବ ଲିଙ୍ଗ ମଧ୍ୟରୁ ଶରଣକୁଳର ଲଡୁବାବାଙ୍କ ପୀଠ ସର୍ବ ପ୍ରାଚୀନ। ଏହାର ପୂଜା ପଦ୍ଧତି ଶାକ୍ତ ଓ ବୈଷ୍ଣବ ଧର୍ମର ସମିଶ୍ରିତ। ଏଠାର ଲଡୁବାବାଙ୍କ ଉତ୍ପତ୍ତି ବହୁ କାହାଣୀ, ପୁରାଣ, କିମ୍ବଦନ୍ତୀ ଓ ଲୋକକଥା ଉପରେ ପର୍ଯ୍ୟବେଶିତ। କେଉଁ ଆଦିମ କାଳରୁ ଛତ୍ରାକାର ଲିଙ୍ଗ ମାଟି ତଳୁ ଉଦ୍ଭବ ହୋଇଛନ୍ତି। ଦୁଇ ଶତାବ୍ଦୀର ପରୁଷୋତ୍ତମ ଦେବଙ୍କ ସମୟରେ ଏହି ଭୂଲିଙ୍ଗ ଲଡୁକେଶ ମହେଶଙ୍କର ଆର୍ବିଭାବ ବହୁଯୁଗର। ଲଙ୍ଗୁଳି କନ୍ଧ ସମ୍ପ୍ରଦାୟର ସେବକମାନେ ପୂର୍ବରୁ ପୂଜା କରୁଥିଲେ ବୋଲି ମଧ୍ୟ କିମ୍ବଦନ୍ତୀରୁ ଜଣାପଡେ। ପୌରାଣିକ ମତବାଦକୁ ବହନ କରୁଥିବା ଭଣ୍ଡାର ପାହାଡ ପାଦଦେଶରେ ଭିନ୍ନ ଶୈଳିରେ ନିର୍ମିତ ମନ୍ଦିରର ନାମ ଲଡୁବାବା ମନ୍ଦିର। ଓଡ଼ିଶାର ବିଭିନ୍ନ ସ୍ଥାନରେ ଶୈବପୀଠ ରହିଥିଲେ ହେଁ ଏହି ପୀଠର ରହିଛି ସ୍ୱାତନ୍ତ୍ର୍ୟ। ଏଠାକାର ଲଡୁବାବା ଅଧା ବିଷ୍ଣୁ ଓ ଅଧା ଶିବ ନାମରେ କଥିତ। ତେବେ ହରିହର ସମ୍ବଳିତ ଲଡୁବାବାଙ୍କର ଗୋଟିଏ ପାର୍ଶ୍ୱରେ ଚକ୍ରଚିହ୍ନ ରହିଥିବାବେଳେ ଅନ୍ୟପାର୍ଶ୍ୱରେ ରହିଛି ଅର୍ଦ୍ଧଚନ୍ଦ୍ର। ଗୋଟିଏ ପଟେ ତୁଳସୀ ଲାଗି ହେଉଥିବାବେଳେ ଅନ୍ୟପଟେ ବେଲପତ୍ର। ଏହି ପୀଠ ଶ୍ରଦ୍ଧାଳୁ ଭକ୍ତମାନଙ୍କ ମଧ୍ୟରେ ଅହେତୁକ ଭକ୍ତିଭାବ ଜାଗ୍ରତ କରିଥାଏ। ମହା ଶିବରାତ୍ରୀରେ ଏ ପୀଠର ଛତ୍ରାକାର ଲିଙ୍ଗ ଦର୍ଶନ ଓ ରାତ୍ରୀ ଉଜାଗର ରହି ଦ୍ୱିପ ପ୍ରଜ୍ୱଳନ କଲେ କୋଟିଏ ଲିଙ୍ଗ ଦର୍ଶନର ଫଳ ପ୍ରାପ୍ତି ହୋଇଥାଏ। ଏଣୁ ମହାଶିବରାତ୍ରୀରେ ପ୍ରତିବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଜାଗର ଯାତ୍ରା ପାଇଁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭକ୍ତମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ଲଡୁବାବାଙ୍କ ଦର୍ଶନ କରିବେ ସେଥିପାଇଁ ବ୍ୟବସ୍ଥା ହୋଇଛି। ଲଡୁବାବାଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଦକ୍ଷୀଣମୁଖୀ ହୋଇ ଦକ୍ଷୀଣ ଦ୍ୱାରରୁ ବେଢ଼ା ପରିକ୍ରମା କରିବେ। ଠାକୁର ୩ ଥର ବେଢ଼ା ପରିକ୍ରମା କରିବା ପରେ ପୂର୍ବ ଦିଗ ଦ୍ୱାର ଦେଇ ମନ୍ଦିରକୁ ଯିବେ। ପ୍ରତି ବେଢ଼ା ପରିକ୍ରମାରେ ଥରେ ମହାଦୀପ ଉଠିଥାଏ। ଶନିବାର ଜାଗରଯାତ୍ରାରେ ରାତ୍ରୀ ୧୧ ଘଟିକା, ସାଢ଼େ ୧୧ ଘଟିକା ଓ ମଧ୍ୟରାତ୍ର ୧୨ଟାରେ ଶେଷ ଥର ପାଇଁ ମହାଦୀପ ଉଠିବାର ରହିଛି। ଶରଣକୁଳ ଥାନା ଆଇଆଇସି ଜୟଦୀପ ମହାନ୍ତିଙ୍କ ନେତୃତ୍ୱରେ ଜାଗର ଯାତ୍ରାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ୪ ଇନ୍ସପେକ୍ଟର, ୮ ସବ୍ ଇନ୍ସପେକ୍ଟର, ୧୫ ଏସ୍ଆଇ, କନଷ୍ଟେବଲ୨୬, ହୋମଗାର୍ଡ ୫୦, ୩ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି।

# ଜନଶକ୍ତି ହାଇସ୍କୁଲରେ ହାକାଥନ, କୋଡିଂ କାର୍ଯ୍ୟକ୍ରମ

ନୂଆଗାଁ, ୧୭।୨ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳି ଜନଶକ୍ତି ନୋଡାଲ ହାଇସ୍କୁଲରେ ୪ ଦିନ ଧରି ଅନୁଷ୍ଠିତ ହୋଇଥିବା ହାକାଥନ ଓ କୋଡିଂ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଚାହାଳି ନୋଡାଲ ହାଇସ୍କୁଲର ମୋ ସ୍କୁଲ ଅଭିଯାନ କମିଟି ଓ କ୍ୟୁଏଷ୍ଟଆଲିଆନ୍ସର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ୬୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନିଜ ଲକ୍ଷ୍ୟ ହାସଲ ଉପରେ କୌଶଳ ଶିକ୍ଷା, ଲିଙ୍ଗଗତ ବିବିଧତା ଦୂରୀକରଣ ସହ କୋଡିଂ ବିଷୟରେ ଶିକ୍ଷା ଦିଆଯାଇଥିଲା। ଉଦ୍‌ଯାପିତ ଦିବସରେ ପ୍ରକଳ୍ପଗୁଡିକର ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପ୍ରୋଗ୍ରାମ ଆସୋସିଏଟ କଳ୍ପନା ବାରିକଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ୮ ବର୍ଷର ବାଳକ ଉଦ୍ଧାର

**ନୟାଗଡ଼ ଅଫିସ, ୧୭।୨:** ନୟାଗଡ଼ ଶୁକ୍ରବାର ସନ୍ଧ୍ୟାରେ ଇଟାମାଟି ଅଞ୍ଚଳରୁ ଜଣେ ୮ ବର୍ଷର ବାଳକଙ୍କୁ ଉଧାର କରାଯାଇ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ବାଳକର ମା' ମରିଯିବା ପରେ ବାପା ଶାରୀରିକ ଓ ମାନସିକ ଭାବେ ନିର୍ଯାତନା ଦେଇ ଆସୁଥିଲେ। ଏଣୁ ସଂପୃକ୍ତ ବାଳକ ୧୫ ଦିନ ହେଲେ ଅଖିଆ ଅପିଆ ଘୁରି ବୁଲୁଥିଲେ। ଅନନ୍ୟା ଫାଉଣ୍ଡେଶନର ସଦସ୍ୟମାନେ ବାଳକଟିଙ୍କୁ ଦେଖି ଚାଇଲ୍ଡ ଲାଇନକୁ ଅବଗତ କରାଇଥିଲେ।

### ବାଣିଗୋଛା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟ ଉତ୍ସବ

**ଦଶପଲ୍ଲା,୧୭।୨(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ବାଣିଗୋଛା ନେତାଜୀ ସୁବାଷ ବୋଷ ଉଚ୍ଚ ମାଧମିକ ବିଦ୍ୟାଳୟରେ ଶୁକ୍ରବାର ବିଦାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମବର୍ଷର ଛାତ୍ରଛାତ୍ରୀ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଭଉଣୀଭାଇଙ୍କୁ ସମ୍ମାନର ସହ ବିଦାୟ ଦେଇଥିଲେ। ମୁଖ୍ୟ ଅତିଥି ବିଏସ୍ କଲେଜର ଦଶପଲ୍ଲାର ଅଧକ୍ଷ ସୁବାସ ଚନ୍ଦ୍ର ନାୟକ, ଭାଇସ ପ୍ରିନ୍ସିପାଲ ନିହାର ରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଭାବେ ବୁଗୁଡା କଲେଜର ପୂର୍ବତନ ଅଧକ୍ଷ ସୁରେଶ ମହାପାତ୍ର, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଏନ୍ଏସ୍‌ବି କଲେଜର ସଭନେତ୍ରୀ ରତ୍ନମାଳା ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ଟି. ଅଭିଦୋରା, କଲେଜର କୋଷାଧକ୍ଷ କୁନା ବେହେରା, ଅଚ୍ୟୁତାନନ୍ଦ ମିଶ୍ର, କଲେଜର ଅଧକ୍ଷ ସତିଶ ଚନ୍ଦ୍ର ଦୀକ୍ଷିତ ସଭା ପରିଚାଳନା କରିଥିଲେ। ପ୍ରଥମରେ ଅତିଥିମାନେ ଜଗତରନାଥ ଜଗନ୍ନାଥଙ୍କ ଫଟୋରେ ଧୂପଦୀପ ଦେଇଥିଲେ। ଛାତ୍ରୀଛାତ୍ରମାନେ ବିଦାୟ କାଳୀନ ସଙ୍ଗୀତ ଗାନ କରିଥିଲେ। ଏହାପରେ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ସାନ ଭଉଣୀଚମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଦାୟ ସମୟରେ ଛାତ୍ରୀଛାତ୍ରମାନଙ୍କ ଆଖି ଛଳଛଳ ହୋଇଉଠିଥିଲା। ଏଥିରେ କଲେଜର ସମସ୍ତ ଅଧାପିକାଅଧାପକ ଏବଂ ସହକର୍ମୀମାନେ ଉପସ୍ଥିତ ଥିଲେ।

# ମନ୍ତ୍ରୀ ନବ ଦାସଙ୍କ ହତ୍ୟାର ସିବିଆଇ ତଦନ୍ତ ଦାବିରେ ବିକ୍ଷୋଭ

ନୟାଗଡ଼ ଅଫିସ,୧୭।୨

ମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବିରେ ଶୁକ୍ରବାର ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ ସମ୍ମୁଖରେ ଗଣ ବିକ୍ଷୋଭ କରାଯାଇଛ। ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ନାମରେ ଯୋଜନାବଦ୍ଧ ମିଛ ଏଫ୍ଆଇଆର ଦେଇଥିବା ଆଇଆଇସିଙ୍କୁ ଗିରଫ ଅନୁରୂପ ଦାବି ରହିଛି। ସମାବେଶରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ନରିନେତ୍ରୀ ଇରାନୀ ରାୟ, ଜିଲା ମହିଳା ମୋର୍ଚ୍ଚା ସଭାପତି ଅର୍ଚ୍ଚନା ଦାଶ, ରାଜ୍ୟ କୃଷକ ନେତା ସୁକାନ୍ତ ପାଣିଗ୍ରାହୀ, ରାଘବ ମଲ୍ଲିକ, ଭୀମସେନ ସେଠୀ, ଅଭିଷେକ ସାମନ୍ତରାୟ, ଜିଲା କାର୍ଯ୍ୟକର୍ତ୍ତା ପରେଶ ମିଶ୍ର, ଲକ୍ଷ୍ମୀଧର ତ୍ରିପାଠୀ, ପ୍ରଭାତ କୁମାର ଷଡଙ୍ଗୀ, ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ ଓ ଅନେକ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ।


ଜିଲା ସଂସ୍କୃତି ଭବନ ସମ୍ମୁଖରେ ଭାଜପା ପକ୍ଷରୁ ଗଣ ବିକ୍ଷୋଭରେ ନେତା ଓ କର୍ମମାନେ।

# ବ୍ଲକସ୍ତରୀୟ ପରାମର୍ଶ ଶିବିର

ନୂଆଗାଁ, ୧୭।୨ (ଡି.ଏନ୍.ଏ.)

ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ଶୁକ୍ରବାର ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକାରୀ ଓ ନୟାଗଡ଼ ଜିଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୪ଟି ସଂସ୍ଥା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨୭୭ ଜଣ ଆଗ୍ରହୀ ଛାତ୍ରୀଛାତ୍ର ନିଜ ନାମ ପଞ୍ଜୀକୃତ କରିଥିଲେ। ସେଥିମଧ୍ୟରୁ ପିଏଲ୍‌ଟିପି ପାଇଁ ୧୨୪ ଜଣ, ପଲିଟେକ୍‌ନିକ ଓ ଆଇଟିଆଇ ପାଇଁ ୭୮ ଜଣ ଓ ୱାର୍ଲଡ ସ୍କିଲ୍ ସେଣ୍ଟର ପାଇଁ ୧୧ ଜଣ ଛାତ୍ରୀଛାତ୍ର ପରାମର୍ଶ ନେଇଥିଲେ।

ଏହି ପରିପ୍ରେକ୍ଷୀରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ ଓ ଅତିରିକ୍ତ ବିଡିଓ ସ୍ୱଦେଶ କୁମାର ଶତପଥୀ ନିଜର ଅଭିଜ୍ଞତା ଓ ଅଙ୍ଗେ ନିଭାଇଥିବା ବିଷୟରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କୁ କହିଥିଲେ। ସମସ୍ତେ ଚାକିରିକୁ ଅପେକ୍ଷା କରି ସମୟ ନ ବିତାଇ ସ୍ୱାବଲମ୍ବୀ ଓ ରୋଜଗାର ବିଷୟରେ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଛୋଟ ଛୋଟ କାର୍ଯ୍ୟରେ ମଧ୍ୟ ଭଲ ରୋଜଗାର କରି ଅନେକ ଲୋକ ଧନଶାଳୀ ହୋଇପାରିଥିବା କଥା ଅତିଥିମାନେ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଏଥିରେ ନୂଆଗାଁ ବିଡିଓ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲା ନିଯୁକ୍ତି ଅଧିକାରୀ ଦୁର୍ଗାଚରଣ ଦାଶ, ଅତିରିକ୍ତ ବିଡିଓ ଶତପଥୀ, ନୂଆଗାଁ ବ୍ଲକ ସିଡିପିଓ ଶୁଭ୍ରକେଶୀ ମଲିକ, ୧୬ ନଂ. ଜିଲା ପରିଷଦ ସଭ୍ୟା ପ୍ରତିମା ଦଳବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନୂଆଗାଁ ବିପିଏମ୍ ସସ୍ମିତା ପରିଡ଼ା ପରିଚାଳନା କରିଥିଲେ।

# କଳାକାରମାନଙ୍କ ଭତ୍ତା ପାଇଁ ମାନ ନିର୍ଦ୍ଧାରଣ

ଭାପୁର,୧୭।୨( ଡି.ଏନ.ଏ.)

ନୟାଗଡ ଜିଲା ଭାପୁର ବ୍ଲକରେ ୩ ଦିନ ଧରି ଚାଲିଥିବା କଳାକାର ଭତ୍ତା ପାଇଁ କଳାକାରମାନଙ୍କ ମାନ ନିର୍ଦ୍ଧାରଣ ବିଚାରକମାନଙ୍କ ଉପସ୍ଥିତିରେ ଶେଷ ହୋଇଛି। ଭାପୁର ବ୍ଲକରୁ ମାତ୍ର ୧୩ ଜଣ କଳାକାର ଭତ୍ତା ପାଇବା ପାଇଁ ଥିବା ବେଳେ ୩ ଦିନରେ ୧୮୧ ଜଣ ନାମ ପଞ୍ଜୀକରଣ କରିଥିବା ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରାଙ୍କଠାରୁ ସୂଚନା ମିଳିଛି। ୧୮୧ଜଣ ପଞ୍ଜୀକରଣ ମଧ୍ୟରୁ ୨୦ଜଣ ଅନୁପସ୍ଥିତ ଥିବା ଜଣାଯାଇଛି। ଭାପୁର ଏବିଡିଓ ସରୋଜ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କଳାକାରମାନଙ୍କ ମାନ ନିର୍ଦ୍ଧାରଣ କରାଯାଇଥିଲା। କଳାକାର ଭତ୍ତା ପାଇଁ ଗୋଳାପୋଖରୀ ପଞ୍ଚାୟତରୁ ୧୦ଜଣ, ବିଜିପୁର ପଞ୍ଚାୟତରୁ ୧୩ଜଣ, ଶାଳପଡା ପଞ୍ଚାୟତରୁ ୧୨ଜଣ, ଭଗବାନପୁର ପଞ୍ଚାୟତରୁ ୧୧ ଜଣ, ବାଇଗୁଣିଆରୁ ୧୭ ଜଣ, କଇଁଫୁଲିଆ ୭ ଜଣ, କରବରରୁ ୨୭ ଜଣ, ଫତେଗଡରୁ ୧୫ଜଣ, ପଥରଚକଡା ପଞ୍ଚାୟତରୁ ୧୩ ଜଣ, ଧାନଚାଙ୍ଗଡା ୭ ଜଣ ପଞ୍ଜୀକରଣ କରିଥିଲେ। ଭାପୁର ବ୍ଲକର ୨୦ଟି ପଞ୍ଚାୟତରୁ ୧୮୧ଜଣ କଳାକାର ଭତ୍ତା ଅଡିଶନ ପାଇଁ ନାମ ପଞ୍ଜୀକରଣ କରିଥିଲେ। ଏଥିରେ ଭାପୁର ଏବିଡିଓ ନାୟକ, ଉପସଭାପତି ତଥା ଶିଶୁକବି ଜୟକୃଷ୍ଣ ବାରିକ, ନୟାଗଡ଼ ଜିଲାର ପାଲା ଗାୟକ ସଂଘର ସଭାପତି ମନୋଜ କୁମାର ମିଶ୍ର, ପଞ୍ଚାନନ ସାହୁ, ସୁବାସ ନାୟକ ବିଚାରକ ଭାବେ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା ଓ କର୍ମଚାରୀ ଆର୍ତ୍ତବନ୍ଧୁ ଗୋଛି ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ୨ରୁ ୩ ଦିନ ପରେ ଭାପୁର ବିଡିଓ ରଞ୍ଜିତ କୁମାର ମଲ୍ଲିକ ଓ ଏବିଡିଓ ନାୟକଙ୍କ ତତ୍ତ୍ୱାବଧାନରେ କଳାକାରମାନଙ୍କ ନାମ ଘୋଷଣା କରାଯିବ ବୋଲି ସୂଚନା ମିଳିଛି।

# ବିଲ୍ କରିବାରେ ବିଳମ୍ବ ନେଇ ଯନ୍ତ୍ରୀଙ୍କୁ ମାଡ଼

ନୟାଗଡ଼ ଅଫିସ/ଦଶପଲ୍ଲା, ୧୭।୨ (ଡି.ଏନ.ଏ.)

- ସ୍ମାରକପତ୍ର ଦେବାକୁ ଆସିଥିଲେ ଠିକାଦାର
- ଯନ୍ତ୍ରୀ ପାଇଖାନାରେ ଲୁଚି ରହିବାରୁ ଉତ୍ତେଜନା

ନୟାଗଡ ଜିଲା ଦଶପଲ୍ଲା ଏନ୍ଏସି କାର୍ଯ୍ୟାଳୟରେ ସୁବ୍ରତ କୁମାର ମହାପାତ୍ର ନାମକ ଜଣେ ଯନ୍ତ୍ରୀଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ତେବେ ଏ ନେଇ ଦଶପଲ୍ଲା ଥାନାରେ ମାମଲା ରୁଜୁ ହୋଇନାହିଁ। ସରକାରଙ୍କର ବିଭିନ୍ନ କାର୍ଯ୍ୟର ସମାପ୍ତ ପରେ ବିଲ୍ ହେଉ ନ ଥିବାରୁ ଠିକାଦାରମାନେ ଅସନ୍ତୋଷ ବ୍ୟକ୍ତ କରି ଏନ୍ଏସି ଅଧକ୍ଷା ଓ ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ଏହି ସମୟରେ ଯନ୍ତ୍ରୀ କୁଆଡେ ପାଇଖାନାରେ ଲୁଚି ରହିବାରୁ ଅସନ୍ତୋଷ ସହ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଯନ୍ତ୍ରୀଙ୍କୁ ପାଇଖାନା କବାଟ ଭାଙ୍ଗି କାଢ଼ି ଏନ୍ଏସି ଉପାଧକ୍ଷଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ଯନ୍ତ୍ରୀଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଯନ୍ତ୍ରୀ ସୁବ୍ରତ କମ୍ଯୁର ମହାପାତ୍ର କୁହନ୍ତି, ମୋତେ ଠିକାଦାରମାନେ ମାଡ ମାରି ଆହତ କରିଛନ୍ତି। ତାଙ୍କୁ କାଉନସିଲର ସୁଶାନ୍ତ କୁମାର ସିଠ ଠିକାଦାରଙ୍କ କବଳରୁ ଉଦ୍ଧାର କରି ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷେ ଜଣେ ଠିକାଦାର ନାଁ ଗୋପନ ରଖି କହିଛନ୍ତି, କାମ ଶେଷ ପରେ ବିଲ୍ ମଞ୍ଜୁର କରାଗଲାନାହିଁ। ଅନେକ ଠିକାଦାର ବିଲ୍ ପାଇବା ପାଇଁ ହଇରାଣ ହେଉଛନ୍ତି। ମୋଟା ଅଙ୍କର ଚାନ୍ଦା ମଗା ଯାଉଥିଲା। ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଲେ ଦେଉନାହାନ୍ତି। ବିଲ୍ ପାଇବା ପାଇଁ ଅଭିଯୋଗ କରିବାକୁ ଏନ୍ଏସିକୁ ଯାଇଥିଲୁ। ହେଲେ ଯନ୍ତ୍ରୀ ଆମକୁ ଦେଖି ପାଇଖାନାରେ ଲୁଚି ଭିତର ପଟୁ କବାଟ ଦେଇଥିଲେ। ଆମେ ଯନ୍ତ୍ରୀଙ୍କୁ ମାରପିଟ୍ କରି ନାହୁଁ। ତେବେ ଆମ ନାଁରେ ମିଛଟାରେ ଅଭିଯୋଗ କରି ଫସାଇବାକୁ ଉଦ୍ୟମ କରାଯାଇଛି ବୋଲି ଦର୍ଶାଇଛନ୍ତି। ଅଧକ୍ଷା ପୁନମ ପ୍ରିୟଦର୍ଶନୀ କୁହନ୍ତି, ଏନ୍ଏସି ଭିତରେ ଯନ୍ତ୍ରୀକୁ ମାଡମରା ଘଟଣା ଠିକ୍ ନୁହେଁ। ମାଡମରା ଘଟଣାକୁ ସେ ନିନ୍ଦା କରିଛନ୍ତି। ଦଶପଲ୍ଲା ଥାନା ଅଧିକାରୀ ବସନ୍ତ ସାହୁଙ୍କୁ ପଚାରିବାରେ ଯନ୍ତ୍ରୀଙ୍କୁ ମାଡମରା ଘଟଣାରେ ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି।


ଆହତ ଯନ୍ତ୍ରୀ ସୁବ୍ରତ କୁମାର ମହାପାତ୍ର।

# କ୍ରିକେଟ: ମଦନଗାଡ଼ିଆକୁ ହରାଇ ସମ୍ପଡ଼ା ବିଜୟୀ

ନୂଆଗାଁ, ୧୭।୨ (ଡି.ଏନ.ଏ.)

ନୂଆଗାଁ ବ୍ଲକ ମହିପୁର ପଞ୍ଚାୟତ ମାଳିସର ଗାଁରେ ଅନୁଷ୍ଠିତ ହେଉଥିବା ମହାବୀର କ୍ରିକେଟ କପ୍‌ର ଦ୍ୱିତୀୟ ଦିବସରେ ମଦନଗାଡିଆ ଟିମ୍‌କୁ ହରାଇ ସଂପଡା ଟିମ୍ ବିଜୟ ହୋଇଛି। ସଂପଡା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୯୧ ରନ ସଂଗ୍ରହ କରିଥିଲା। ଜବାବରେ ମଦନଗାଡିଆ ଦଳ ୧୧ ଓଭର ୪ ଟି ବଲରେ ୧୦ ସମସ୍ତ ଉଇକେଟ ହରାଇ ୮୯ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚକୁ ରାମାନୁଜ ପରିଡା ଓ ଆଲୋକ କୁମାର ନାୟକ ପରିଚାଳନା କରିଥିଲେ। ଗୌରଶ୍ୟାମ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ପଣ୍ଡୁସର କ୍ରିକେଟ ଟିମ୍ ସହ ମାଳିସର ମହାବୀର କ୍ରିକେଟ ଦଳର ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।


ଖେଳାଳିଙ୍କ ଗହଣରେ ଅତିଥି।

# କ୍ରିକେଟ୍ ଟୁର୍ନାମେଣ୍ଟ: ନୋତର ଚାମ୍ପିୟନ

ଶରଣକୁଳ, ୧୭।୨(ଡି.ଏନ୍.ଏ.)

ପଞ୍ଚରିଡ଼ା ନବନେଶ କ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶୁକ୍ରବାର ଗୋଡିପଡ଼ା ବନାମ ନୋତର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋଡିପଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୨୦୯ ରନ୍ ସଂଗ୍ରହ କରିଥିଲା। ଜବାବରେ ନୋତର ଦଳ ୨୧୦ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଖେଳରେ ରଣପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ନୋତର ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଓ ପଞ୍ଚରିଡ଼ା ମାନପୁର ସରପଞ୍ଚ ସୌଭାଗିନୀ ସାହୁ ଉପସ୍ଥିତ ଥିଲେ। କବିରାଜ ସାହୁ, ମାନସ ମୁଦୁଲି, ପ୍ରଶାନ୍ତ ନାୟକ, ଶ୍ରୀକାନ୍ତ ପୃଷ୍ଟି ଓ ନବନେଶ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଖେଳକୁ ସଞ୍ଜୟ କୁମାର ପ୍ରଧାନ ଓ ନୃସିଂହ ସ୍ୱାଇଁ ପରିଚାଳନା କରିଥିଲେ।


ଚାମ୍ପିୟନ ନୋତର ଦଳ ସହ ଅତିଥି ଓ ଅନ୍ୟମାନେ।

# ସତ୍ୟ, ନିରପେକ୍ଷ ଖବର ପରିବେଷଣକୁ ଗୁରୁତ୍ୱ

## ପ୍ରେସ୍ କ୍ଲବ୍ ଦଶପଲ୍ଲାର ବାର୍ଷିକ ଉତ୍ସବ

ଦଶପଲ୍ଲା,୧୭।୨ (ଡି.ଏନ.ଏ.)

ପ୍ରେସ୍ କ୍ଲବ ଦଶପଲ୍ଲାର ଦ୍ୱାଦଶ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ମଇଦାନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଓଡ଼ିଆ ପର୍ବର ସମ୍ପାଦକ ତଥା ସାହିତ୍ୟିକ ସନ୍ତୋଷ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ବକ୍ତାମାନେ ଖବରଦାତାଙ୍କ କର୍ତ୍ତବ୍ୟ, ଭୂମିକା ଏବଂ ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ଉପରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଉତ୍କଳ ସାମ୍ବାଦିକ ସଂଘର ନୟାଗଡ଼ ଜିଲା ସଭାପତି ଶ୍ରୀକାନ୍ତ କୁମାର ଖଟେଇ, ଜିଲା ସମ୍ପାଦକ ବୈଦ୍ୟ ଭୂଷଣ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ କ୍ଲବର କିଛି ସମସ୍ୟା ସମେତ ବୃତ୍ତଙ୍ଗ ଜଳସେଚନ ଯୋଜନା କାର୍ଯ୍ୟ କାରିବା, ଦଶପଲ୍ଲା ପର୍ଯ୍ୟନ୍ତ ରେଳ ଶୀଘ୍ର ଗଡିବା, ଉପଖଣ୍ଡ ମାନ୍ୟତା ପ୍ରଭୃତି ସମସ୍ୟା ଉପରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବରିଷ୍ଠ ଖବରଦାତା ରାମକୃଷ୍ଣ ରଥ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ଖବରଦାତା ସନ୍ତୋଷ କୁମାର ସାହୁ, ଜିତେନ୍ଦ୍ର ଛାଟୋଇ, ସୁରେଶ ବେହେରାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଶ୍ରେଷ୍ଠ ପାଠକ ରୂପେ ପ୍ରଫେସର ନନ୍ଦକିଶୋର ମିଶ୍ର, ଭଗବାନ ସାହୁ, କୃଷି ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ, ସ୍ୱରୂପ ସୁରଜିତ ମହାନ୍ତି, ଆଧ୍ୟାତ୍ମିକ ସଙ୍ଗଠକ ରୂପେ ରାକେଶ ମହାନ୍ତି ଏବଂ ଶିଶୁ କଣ୍ଠଶିଳ୍ପୀ କୁମାରୀ ଶ୍ରୁତି ସୁଲଗ୍ନା ଏବଂ ପ୍ରୀତି ସୁଲଗ୍ନା ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରଥମେ ଗାନ୍ଧୀ ମଇଦାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।


ପ୍ରେସ୍ କ୍ଲବ ଦଶପଲ୍ଲାର ବାର୍ଷିକ ଉତ୍ସବରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅତିଥିମାନେ।

# ଆବର୍ଜନା ମୁକ୍ତ ହେବ ଗାଁ ଦାଣ୍ଡ

## ରାସ୍ତାରେ ଝାଡୁ ମାରିଲେ ବିଡିଓ, ଜନପ୍ରତିନିଧି

ରସୁଲପୁର,୧୭।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରକୁ ସ୍ୱଚ୍ଛ ଓ ସୁସ୍ଥ ପଞ୍ଚାୟତ ଗଠନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗାଁ କଲ୍ୟାଣ ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମୀଣ ଏକତା ମଞ୍ଚର ମିଳିତ ସହଯୋଗରେ ସଫେଇ କାର୍ଯ୍ୟକୁ ପରିଚାଳନା କରାଯାଉଛି । ପଞ୍ଚାୟତ ଅଧୀନ ୭ଟି ରାଜସ୍ୱ ଗ୍ରାମକୁ ସଫେଇ କରିବାକୁ ପ୍ରୟାସ ଆରମ୍ଭ ହୋଇଛି । ଗାଁ ଗଣ୍ଡା ରାସ୍ତାକୁ ଅଳିଆ ଅବର୍ଜନାମୁକ୍ତ କରିବା ପାଇଁ ପଞ୍ଚାୟତ ପକ୍ଷରୁ ପଦକ୍ଷେପ ନିଆଯାଇଛି । ରସୁଲପୁର ବିଡିଓ ଅବନୀକାନ୍ତ ସାହୁ, ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜେମ୍ସ ଫାଉଣ୍ଡେଶନର ସଭାପତି ଅଭିମନ୍ୟୁ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନସ ରାଉତ, ଗ୍ରାମ ରୋଜଗାର ସେବକ ପ୍ରଶାନ୍ତ ଘଡାଇ, ଏମ୍‌ବିକେ ସସ୍ମିତା ଆଏଚ ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ସ୍ୱଚ୍ଛ ପରିବେଶରେ ଏକ ସୁସ୍ଥ ଜୀବନ ସମ୍ଭବପର ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପଞ୍ଚାୟତକୁ ସ୍ୱଚ୍ଛ ରଖିବା ପାଇଁ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି । ସ୍ୱଚ୍ଛ ଭାରତ ମିଶନ-୨ ଯୋଜନାରେ ପ୍ରତ୍ୟେକ ପରିବାରକୁ ଗୋଟିଏ ଲେଖାଏଁ ଶୋଷକ ଓ ଜୈବିକଖତ ଖାତ ଖୋଳିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହ ଦିଆଯାଉଛି। ଏଥିସହ ପରିବାରରୁ ବାହାରୁଥିବା କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଆବର୍ଜନା କୁଣ୍ଡ ସ୍ଥାପନ କରାଯାଇଛି । ଉକ୍ତ କୁଣ୍ଡରେ ପଲିଥିନ ଓ ପ୍ଲାଷ୍ଟିକ ପକାଇବା ପାଇଁ ପଂଚାୟତ ପକ୍ଷରୁ ସୂଚନା ଦିଆଯାଉଛି । ଏହାଛଡା ଗାଁ ଗଣ୍ଡା ରାସ୍ତାକୁ ଜବରଦଖଲ ମୁକ୍ତ କରିବା ଓ ଗାଁ ରାସ୍ତାରୁ ଅଳିଆ ଆବର୍ଜନାକୁ ହଟାଇବା ପାଇଁ ଯୋଜନା କରାଯାଇଛି । ଗାଁ ରାସ୍ତାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏହାଛଡା ପଞ୍ଚାୟତ ପକ୍ଷରୁ ପ୍ରତ୍ୟେକ ଗାଁ ଓ ସାହି ଭିତରର ରାସ୍ତାକୁ ସଫେଇ କରାଯାଇ ଲୋକଙ୍କୁ ସଚେତନ କରାଯିବ। ପ୍ରତ୍ୟେକ ପରିବାର ସେମାନଙ୍କ ଗାଁ ଦାଣ୍ଡକୁ ସଫାସୁତୁରା ରଖିବେ । ରାସ୍ତା ଉପରେ ଅଳିଆ ଆବର୍ଜନା ପକାଇଲେ ଏହା ଦଣ୍ଡନୀୟ ଅପରାଧ ବୋଲି ସଫେଇ ଆଳରେ ଜନସଚେତନତା କରାଯାଉଛି । ଏଥିରେ ବ୍ୟତିକ୍ରମ ଘଟିଲେ ଆଇନ ଖିଲାପକାରୀଙ୍କୁ ଆର୍ଥିକ ଜରିମାନାରେ ଦଣ୍ଡିତ କରାଯିବ ବୋଲି କୁହାଯାଇଛି। ଏଭଳି ଭାବରେ ପଂଚାୟତକୁ ଏକ ସ୍ୱଚ୍ଛ ଓ ସୁସ୍ଥ ପଞ୍ଚାୟତ ଗଢି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସରପଞ୍ଚ ରାଉତ ପ୍ରକାଶ କରିଛନ୍ତି । ଉକ୍ତ ସଫେଇ କାର୍ଯ୍ୟରେ ନାଏବ ସରପଞ୍ଚ କେଦାର ଦେଓ, ୱାର୍ଡସଭ୍ୟା ସୁମିତ୍ରା ଦାସ, ଶ୍ୟାମସୁନ୍ଦର ସାହୁ, ସଦାନନ୍ଦ ପଣ୍ଡା, ନୃସିଂହ ମଲିକ, ସୁକାନ୍ତି ସାହୁ, ଦିଲୀପ ସାହୁ, ଅଙ୍ଗନୱାଡି କର୍ମୀ ସୁମିତ୍ରା ବିହାରୀ, ରଶ୍ମିତା ସାହୁ, ଶାନ୍ତିଲତା ପଣ୍ଡା, ନିରୁପମା କର, ସବିତା ସାହୁ, ସଂଯୁକ୍ତା ସ୍ୱାଇଁ, ଆଶାକର୍ମୀ ସୁମିତ୍ରା ଦାସ, ସିଆରପି ସୁଚିସ୍ମିତା ଦାଶ, ବସୁମତି ସାହୁ, ଅନିମା ପଣ୍ଡା, ଉମା ସେଠୀ, ସୁବାସିନୀ ମଲିକ, ଯୁବନେତା କମଳାକାନ୍ତ ସାହୁ, ଗୋପାଳ ମଲିକ, ଦିଲୀପ ଦାସ, ସର୍ବେଶ୍ୱର ସାହୁ, ଦିଲୀପ ରାଉତ, ସଞ୍ଜୟ ରାଉତ, ସନ୍ତୋଷ ରାଉତଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ ।



ସଚେତନତା ଶୋଭାଯାତ୍ରାରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି ।

# ଥାନାରେ ଅଭିଯୋଗ କଲେ ୬୦ କର୍ମଚାରୀ


ଥାନାକୁ ଅଭିଯୋଗ କରିବାକୁ ଆସିଥିବା କର୍ମଚାରୀ ।

## କର୍ମଚାରୀଙ୍କ ନାମରେ ଲୋନ୍ କରି କମ୍ପାନୀ କର୍ତ୍ତୃପକ୍ଷଙ୍କ ଫେରାର ଉଦ୍ୟମ

ଯାଜପୁର ଟାଉନ ୧୭।୨ (ଡି.ଏନ.ଏ.)

ଯାଜପୁରସହରରେ ଥିବା ଏକ କମ୍ପାନୀ ୬୦ ଜଣ କର୍ମଚାରୀଙ୍କ ନାମରେ ୧ଲକ୍ଷ ଟଙ୍କା ଲେଖାଏ ଲୋନ୍ କରି ଫେରାର ହେବାକୁ ବସିଛି । ଏ ସଂକ୍ରାନ୍ତରେ କର୍ମଚାରୀମାନେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଯାଜପୁରସହରର ରାମେଶ୍ୱରପୁରଠାରେ ଥିବା ସିଏବିଟି କମ୍ପାନୀ ଯାହାକି ଫ୍ଲିକ୍ କାର୍ଡର ଏଜେନ୍ସି ଭାବେ କାର୍ଯ୍ୟକରି ଲୋକମାନଙ୍କୁ ସେବା ଯୋଗାଇଥାଏ। ଏହି କମ୍ପାନୀରେ ଦୀର୍ଘ ୩ ବର୍ଷ ଧରି ୬୦ଜଣ କର୍ମଚାରୀ ହୋମ୍ ଡେ଼ଲିଭରି ବଏ ଭାବେ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ନାମରେ ଅଜାଣତରେ ଗତ ଜାନୁୟାରୀରୁ ମୁଣ୍ଡ ପିଛା ୧ଲକ୍ଷ ଟଙ୍କା ଲେଖାଏଁ ଇନୋଫିନ୍ ଫାଇନାନ୍ସ କମ୍ପାନୀରୁ ଲୋନ୍ କରାଯାଇଛି । ଏହି ବିଷୟରେ ଜାଣିବା ପରେ କମ୍ପାନୀର ଟିମ୍ ଲିଡର୍ ହିମାଂଶୁ ପଣ୍ଡା, ଉତ୍କଳ କେଶରୀ ଲେଙ୍କାକୁ ଅବଗତ ପରେ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହି କମ୍ପାନୀ ଯାଜପୁରରେ ବନ୍ଦ ହେବାକୁ ଯାଉଥିବା ପିଲାମାନେ ଜାଣିବାକୁ ପାଇଥିଲେ। ଏହାର ପ୍ରତିବାଦ କରି କମ୍ପାନୀ ସମ୍ମୁଖରେ କର୍ମଚାରୀମାନେ ଶୁକ୍ରବାର ଅନଶନରେ ବସିଥିଲେ । କମ୍ପାନୀର ମୁଖ୍ୟ ହିମାଂଶୁ ପଣ୍ଡା, ରାକେଶ ନାୟକ, ପ୍ରକାଶ ଓଝା, ରଶ୍ମିରଞ୍ଜନ ନାୟକ, ସୁବାଶିଷ ଦାସ, ସତ୍ୟରଞ୍ଜନ ପତି, ହରିହର ତରାଇ, ଶ୍ରୀକାନ୍ତ ପଣ୍ଡା ଓ ବିବେକାନନ୍ଦ ମିଶ୍ର ପ୍ରମୁଖ ଅନଶରରେ ବସିଥିବା ପିଲାମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାପାଇଁ ଧମକ ଦେଇଥିଲେ ବୋଲି ଯାଜପୁର ଥାନାରେ ଚନ୍ଦନ ବେହେରା, ଚନ୍ଦ୍ରମଣୀ ନାୟକ, ବିକାଶ ସାହାଣୀ, ବିଚିତ୍ର ସ୍ୱାଇଁ, ବସନ୍ତ ପଣ୍ଡା, ଲିଟୁ ବେହେରା, ସର୍ବେଶ୍ୱର ଜେନାଙ୍କ ସମେତ ସମସ୍ତ କର୍ମଚାରୀ ଲିଖିତ ଅଭିଯୋଗ କରିଛନ୍ତି। ଏହି ଲିଖିତ ଅଭିଯୋଗ ହେବାପରେ ଥାନା ଅଧିକାରୀ ଅଜୟ କୁମାର ଜେନା କମ୍ପାନୀର ଅଧିକାରୀମାନଙ୍କୁ ଡାକି ପଚରାଉଚରା କରିବା ସହ ତଦନ୍ତ ଜାରି ରଖିଛନ୍ତି । ଏପର୍ଯ୍ୟନ୍ତ ଏତଲା ଦରଜ ହୋଇ ନ ଥିବା ଜଣାପଡିଛି।

# ଭିକ ମାଗିବା ବାହାନାରେ ଚୋରି ସ୍ଥାନ ଚିହ୍ନଟ କରୁଥିଲେ

## ୭ ଗିରଫ, ଚୋରା ସାମଗ୍ରୀ ଜବତ

ବଡ଼ଚଣା/ଛତିଆ,୧୭।୨(ଡି.ଏନ୍.ଏ.)

ବୈରୀ ଥାନାଞ୍ଚଳରେ କିଛି ମାସ ମଧ୍ୟରେ ମନ୍ଦିର, ଭେରାଇଟି ଷ୍ଟୋର, ମୋବାଇଲ ଦୋକାନ ସମେତ କେତେଜଣ ଲୋକଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏନେଇ ତଦନ୍ତ ଚଳାଇଥିବାବେଳେ ଗତ ୧୫ ତାରିଖରେ ବୈରୀ ଥାନା ଅଧୀନ ବନ୍ତଳା ପଞ୍ଚାୟତର ଉପୁଳା ପୋଲ ନିକଟ କେଳାସାହିରୁ ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯଯାତି ପ୍ରଧାନ (୫୯), ବଚନ ପ୍ରଧାନ(୨୫), ରାଜୁ ପ୍ରଧାନ (୩୦), ଚନ୍ଦନ ପ୍ରଧାନ(୨୩), ଅଭି ଦାସ(୩୩), କୁମ୍ପା ପ୍ରଧାନ (୨୫) ଓ ଝରିଆ ପ୍ରଧାନ (୪୫)। ସେମାନଙ୍କଠାରୁ ୨୫ହଜାର ୭ଶହ ଟଙ୍କା, ଦୁଇଟି ପିତଳ ମୂର୍ତ୍ତି, ୨ ହଳ ରୁପା ପାଉଁଜି, ୧୦ଟି ରୁପା ମୁଦି, ୪ଟି ମୋବାଇଲ ଫୋନ୍, ଗୋଟିଏ ପିତଳ ପୂଜା ଥାଳି, ପୂଜା ଘଣ୍ଟି ଓ ସେମାନେ ବ୍ୟବହାର କରୁଥିବା ଲୁହା ତ୍ରିଶୂଳ, ଛୁରି ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ ହୋଇଛି। ପୋଲିସ ଆଇପିସି ଦଫା ୪୫୭, ୩୮୦ ଅନୁଯାୟୀ ଏକ ମାମଲା (୩୪/୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ବୈରୀ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଉପରୋକ୍ତ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଦିନରେ ଭିକ ମାଗିବା ବାହାନାରେ ବିଭିନ୍ନ ସ୍ଥାନକୁ ଟାର୍ଗେଟ୍ କରି ରାତିରେ ସେଠାରେ ଚୋରି କରିଥାନ୍ତି। ଏନେଇ ବିଶେଷ ସୂତ୍ରରୁ ସୂଚନା ପାଇ ଥାନା ଅଧିକାରୀ ପ୍ରଦୀପ କାନୁନ୍‌ଗୋ ଏବଂ ତାଙ୍କ ଟିମ୍ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।


ଜବତ ହୋଇଥିବା ଟଙ୍କା ଓ ଚୋରି ସାମଗ୍ରୀ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୌମ୍ୟ


@ ଅସ୍ମିତା


@ ବନ୍ଦିତା


@ ଦୀପା


@ ଲିପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଶାନ୍ତ ଜେନାଙ୍କୁ ଦ୍ୱିତୀୟ ଭଞ୍ଜ ପ୍ରଜ୍ଞା ସମ୍ମାନ

ବଡ଼ଚଣା,୧୭।୨(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୋସାଲିପୁର ଗ୍ରାମର ବିଶିଷ୍ଟ କବି, ସ୍ତମ୍ଭକାର ତଥା ବରିଷ୍ଠ ଖବରଦାତା ପ୍ରଶାନ୍ତ ଜେନାଙ୍କୁ ଦ୍ୱିତୀୟ ଭଞ୍ଜସାହିତ୍ୟ ଓ ସଂସ୍କୃତି ସଂସଦ ମାହାଙ୍ଗା ପକ୍ଷରୁ ଦ୍ୱିତୀୟ ଭଞ୍ଜ ପ୍ରଜ୍ଞା ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି। ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋପାଳପୁରସ୍ଥିତ ଭଦ୍ରେଶ୍ୱର ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ସପ୍ତଦଶତମ ବାର୍ଷିକ ଉତ୍ସବ ଅବସରରେ ସାରସ୍ୱତ ସମାରୋହ ଅବସରରେ ଜେନାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା,ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଅର୍ଥନୀତିଜ୍ଞ ସଂଗ୍ରାମ କେଶରୀ ସାମନ୍ତରାୟ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କୁମରବର ଦାସ, ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୀପା ମଲ୍ଲିକ ପ୍ରମୁଖ ଯୋଗଦେଇ ଜେନାଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ, ପଦକ ପ୍ରଦାନ କରି ସମ୍ମାନିତ କରିଛନ୍ତି। ଜେନା ନିଜର ବହୁ ଉଚ୍ଚକୋଟୀର କବିତା ଲେଖି ପାଠକମାନଙ୍କର ପ୍ରଶଂସାର ପାତ୍ର ହେବା ସହିତ ବହୁ ରାଜ୍ୟସ୍ତରୀୟ ରାଜ୍ୟ, ଜିଲ୍ଲା ସମେତ ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି ।


ଅତିଥି ପ୍ରଶାନ୍ତ ଜେନାଙ୍କୁ ଭଞ୍ଜ ପ୍ରଜ୍ଞା ସମ୍ମାନରେ ସମ୍ମାନିତ କରୁଛନ୍ତି ।

# ପ୍ରହସନ ପାଲଟିଛି ନିରାମୟ ଯୋଜନା

## ପଛିକୋଟ ପିଏଚ୍‌ସି

କୋରେଇ,୧୭।୨(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ରୋଗୀଙ୍କୁ ଉନ୍ନତମାନର ମେଡିସିନ ଯୋଗାଇ ଦେବାକୁ ନିରାମୟ ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ଯୋଜନା ଘୋଷଣା ହେବାର ଇତିମଧ୍ୟରେ୬ବର୍ଷଅତିକ୍ରମ କରିଛି। ହେଲେ ରାଜ୍ୟର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନଙ୍କ ପାଇଁ ଏହା କେବଳ କାଗଜ କଲମରେ ସୀମିତ ରହିଛି। ଏଭଳି ଅଭିଯୋଗ ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)କୁ ନେଇ ହୋଇଛି। ରୋଗୀମାନଙ୍କୁ ଡାକ୍ତର ନିରାମୟ ଯୋଜନାରେ ଔଷଧ ନ ଦେଇ ବାହାରେ କିଣିବାକୁ ପରାମର୍ଶ ଦେଉଛନ୍ତି। ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ନେଇ ପଛିକୋଟ ପିଏଚ୍‌ସିକୁ ଯାଉଥିବା ଗରିବ ଲୋକଙ୍କୁ ବିଭିନ୍ନ ଟେଷ୍ଟ କରିବାକୁ ରଗଡ଼ିସ୍ଥିତ ଏକ କ୍ଲିନିକକୁ ପଠାଉଛନ୍ତି। ସମ୍ପୃକ୍ତ କ୍ଲିନିକ ମାଲିକ ଗରିବଙ୍କ ନିକଟରୁ ଟେଷ୍ଟ ଓ ମେଡିସିନ ବାବଦରେ ଆଦାୟ କରୁଥିବା ଟଙ୍କାରୁ ମାସିକ ପର୍ସେଣ୍ଟେଜ୍ ହିସାବରେ ସମ୍ପୃକ୍ତ ଡାକ୍ତରଙ୍କୁ ଦେଉଥିବା ଅଭିଯୋଗ ହେଉଛି। ସମସ୍ତଙ୍କୁ ମାଗଣାରେ ଔଷଧ ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଭାଗ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା ପଛିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗୁ ହୋଇପାରିନାହିଁ। ଫଳରେ ସାଧାରଣ ଲୋକଙ୍କ ସରକାରଙ୍କ ମାଗଣା ସ୍ୱାସ୍ଥ୍ୟସେବା ତଥା ନିରାମୟ ଯୋଜନା ଉପରୁ ଭରସା ତୁଟିବାରେ ଲାଗିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ନିହାରିକା ମହାନ୍ତିଙ୍କ ମତାମତ ନେବାକୁ ଏକାଧିକ ଥର ଫୋନ କରିଥିଲେ ହେଁ ସେ କଲ୍ ଗ୍ରହଣ କରି ନ ଥିଲେ। ଏନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଶିବାଶିଷ ମହାରଣାଙ୍କୁ ପଚାରିବାରେ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ବେଆଇନ ହୁକ ପକାଇ ମୋଟର ଚଳାଉ ଥିବା ଚାଷୀ କୋର୍ଟଚାଲାଣ

## ବିଦ୍ୟୁତ୍ ଆଘାତରେ କୃଷକଙ୍କ ମୃତ୍ୟୁ ଘଟଣା

କଳିଙ୍ଗନଗର,୧୭।୨(ଡି.ଏନ୍.ଏ.):

ଗତ ୮ ତାରିଖ ସନ୍ଧ୍ୟାରେ ଦାନଗଦି ବ୍ଲକ ଅନ୍ତର୍ଗତ ଖପୁରିଆପଦା ପଞ୍ଚାୟତ ମାର୍ଥାପୁର ଗାଁର କୃଷକ ନଟବର ଧଳ ବିଲରେ କାମ କରିବା ପାଇଁ ଯାଉଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ । ଖବର ପାଇ ପୋଲିସ ମୃତଦେହକୁ ଜବତ କରି ଦାନଗଦି ଡ଼ାକ୍ତରଖାନାରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା । ପରେ ମୃତ ନଟବରଙ୍କ ପୁଅ ମହେନ୍ଦ୍ର ଦାନଗଦି ଫାଣ୍ଡିରେ ପହଞ୍ଚି ସେହି ଗ୍ରାମର ଭିକାରୀ ପାତ୍ର ବିଲରେ ବେଆଇନ ଭାବେ ହୁକ ପକାଇ ମଟର ଚଲାଉ ଥିବା ଓ ଅସାବଧାନତା ଯୋଗୁ ତାଙ୍କ ବାପାଙ୍କ ଜୀବନ ଗଲା ବୋଲି ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରିବା ପରେ ତାର ଜଏଣ୍ଟ ଉପରେ ନଟବର ଚଢ଼ି ଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଜାଣିବାକୁ ପାଇଥିଲା । ଭିକାରୀଙ୍କ ଅବହେଳା ଯୋଗୁ ନଟବରଙ୍କ ମୃତ୍ୟୁ ଘଟିଥିବା ପୋଲିସ ତଦନ୍ତରୁ ସ୍ପଷ୍ଟ ହୋଇଥିଲା । ଏହି ଘଟଣାରେ ପୋଲିସ ଭିକାରୀଙ୍କୁ ଶୁକ୍ରବାର ତାଙ୍କ ଘରୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୬୧/୨୦୨୩) ରୁଜୁ ହୋଇଛି ।

# ଗୋଲେଇ ନିର୍ମାଣରେ ବିଳମ୍ବ ଯୋଗୁ ବଢୁଛି ଦୁର୍ଘଟଣା

କଳିଙ୍ଗନଗର,୧୭।୨(ଡି.ଏନ୍.ଏ.)

କଳିଙ୍ଗନଗର ଶିଳ୍ପାଞ୍ଚଳର ଖୁରୁଣ୍ଟି ଛକ ଗୋଲେଇ ନିର୍ମାଣରେ ଆହେତୁକ ବିଳମ୍ବ ହେଉଛି। ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ପାଇଁ ବର୍ଷାଧିକ କାଳ ଯାତ୍ରୀ ବହୁ ହିନସ୍ତା ଭୋଗୁଛନ୍ତି। ଏପରିକି ଠିକା ସଂସ୍ଥା ମୁଖ୍ୟ ରାସ୍ତାରେ ଅଧାପନ୍ତରିଆ କାମ କରି ଅନେକ ଦିନ ହେବ କାମ ବନ୍ଦ ରଖୁଥିବାରୁ ମୁଖ୍ୟ ରାସ୍ତାରେ ଯେ କୌଣସି ଗାଡି ଯାତାୟତ କରିବା ମାତ୍ରେ ଧୂଳିଝଡ଼ ସୃଷ୍ଟି ହେଉଛି। ବାଇକ୍ ଓ ସାଇକଲରେ ଯାତାୟତ କରୁଥିବା ଲୋକେ ଧୂଳିରେ ଅଣନିଃଶ୍ୱାସୀ ହେଉଛନ୍ତି। ଏଥିଯୋଗୁଁ ପ୍ରତ୍ୟହ ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଛି।

ସୂଚନା ଅନୁଯାୟୀ, ଖୁରୁଣ୍ଟି ଛକଠାରୁ ରାବଣା ପର୍ଯ୍ୟନ୍ତ ରହିଥିବା ଗୋପବନ୍ଧୁ ମାର୍ଗ କମନ କରିଡର ରାସ୍ତାରେ ପ୍ରତ୍ୟହ ବହୁ ସଂଖ୍ୟକ ଭାରିଯାନ ଯାତାୟତ କରୁଛନ୍ତି। ଏହି ରାସ୍ତାର ଖୁରୁଣ୍ଟି ଛକ ନିକଟରେ ପୂର୍ତ୍ତ ବିଭାଗ ରାସ୍ତା ସଂଯୋଗରେ ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏକ ଗୋଲେଇ ନିର୍ମାଣ କରିବା ପାଇଁ ଯୋଜନା ହୋଇଥିଲା। ଦୁଇ ବର୍ଷ ତଳୁ ଏନେଇ ଅର୍ଥ ବରାଦ ହୋଇଥିବା ବେଳେ ଗତବର୍ଷ ଠାରୁ ଏଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କୌଣସି ଅସୁବିଧା ନ ଥିଲେ ମଧ୍ୟ କାମ ନେଇଥିବା ଥିବା ଠିକା ସଂସ୍ଥା ଏବିଏସ ନିର୍ମଣ କାର୍ଯ୍ୟ ବିଳମ୍ବ କରୁଥିବା ଅଭିଯୋଗ ହେଉଛି । ପୁରୁଣା ରାସ୍ତାକୁ ସାମାନ୍ୟ ଉନ୍ନତିକରଣ କରି ନୂତନ ନିର୍ମାଣ ଚାଲୁଥିବା ବେଳେ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ମୁଖ୍ୟ ରାସ୍ତାରେ କ୍ରସର ଗୁଣ୍ଡ ଓ ଚିପସ୍ ବିଛାଇବା ପରେ ତୁରନ୍ତ କାମ ଶେଷ ନ କରି ଠିକା ସଂସ୍ଥା ଛାଡ଼ି ଦେଉଥିବାରୁ ଲୋକେ ଯିବା ଆସିବା ବେଳେ ସମସ୍ୟା ଭୋଗୁଛନ୍ତି । ଅନ୍ୟପକ୍ଷରେ ଧୂଳି ଉଡ଼ିବା ସମ୍ଭାବନା ଥିବା ସ୍ଥାନରେ ପାଣି ସିଞ୍ଚନ କରିବା ନିୟମ ରହିଥିଲେ ମଧ୍ୟ ଏହାକୁ ଠିକା ସଂସ୍ଥା ଆଦୌ ପାଳନ କରୁ ନ ଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ଠିକା ସଂସ୍ଥା କାର୍ଯ୍ୟ କରିବା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ଲୋକଙ୍କୁ ନିଯୁକ୍ତ କରୁ ନ ଥିବାରୁ ଏଠାରେ ଅଧିକାଂଶ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅଧିକାଂଶ ସମୟରେ ଏକ ସ୍ଥାନୀୟ କାରଖାନାର ସୁରକ୍ଷା କର୍ମୀ ଗାଡ଼ି ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳୁଛି। ଶିଳ୍ପାଞ୍ଚଳର ଏହା ବ୍ୟସ୍ତ ବହୁଳ ରାସ୍ତା ହୋଇଥିବା ସ୍ଥଳେ ଠିକାଦାରଙ୍କ ଏପରି ବେପରୁଆ ମନୋଭାବକୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅନ୍ୟପଟେ ଏହି ଠିକା ସଂସ୍ଥା ମିଲିଟାରୀ ଛକଠାରୁ ଡୁବୁରୀ ପର୍ଯ୍ୟନ୍ତ ରହିଥିବା ପୂର୍ତ୍ତ ରାସ୍ତା ନିର୍ମାଣ ଦାୟିତ୍ୱ ମଧ୍ୟ ରହିଛି। ଗତ ଦୁଇ ବର୍ଷ ତଳେ ଏହାର ନିର୍ମାଣ ଅବଧି ଶେଷ ହୋଇଥିଲେ ମଧ ରାସ୍ତା କାମ ଏଯାବତ ଶେଷ ହୋଇ ପାରିନାହିଁ । ଗୋଲେଇ ଛକ ନିର୍ମାଣ ବିଳମ୍ବର କାରଣ ସମ୍ପର୍କରେ ବିଭାଗୀୟ ଉପଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ଦାସଙ୍କୁ ପଚାରିବାରେ ସେ କାମ ଚାଲିଛି, ଶୀଘ୍ର ସରିବ ବୋଲି କହିଛନ୍ତି।


ନିର୍ମାଣଧୀନ ରାସ୍ତାରେ ଧୂଳି ଉଡୁଛି।

## ଶ୍ରୀବଳଦେବଜୀଉ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା ଅଫିସ:** କେନ୍ଦ୍ରାପଡ଼ା ସହରର ସାନ୍ତସାହିସ୍ଥିତ ଶ୍ରୀବଳଦେବଜୀଉ ଦେବୋତ୍ତର ବିଭାଗ ଅଧୀନ କଲ୍ୟାଣ ମଣ୍ଡପ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଉଦ୍‌ଘାଟନ କରିଛନ୍ତି। ଏଥିରେ ପୌରାଧ୍ୟକ୍ଷା ସରିତା ସାହୁ, ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଉପଜିଲାପାଳ ନିରଞ୍ଜନ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ବେହେରା କହିଥିଲେ ଯେ, କଲ୍ୟାଣ ମଣ୍ଡପର ଆୟ ଶ୍ରୀଜୀଉଙ୍କ ସେବା କାର୍ଯ୍ୟରେ ଲାଗିବ। ସୂଚନାଯୋଗ୍ୟ, ଏହି କଲ୍ୟାଣ ମଣ୍ଡପକୁ ପୌର ପରିଷଦ ପରିଚାଳନା କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇଥିଲା। ଏହାକୁ ବଳଦେବ ସେନା ଓ ସେବାୟତଙ୍କ ବିରୋଧ ଯୋଗୁ ଟ୍ରଷ୍ଟ ବୋର୍ଡକୁ ପରିଚାଳନା ପାଇଁ ଦିଆଯାଇଛି।

## ସଂକ୍ଷେପରେ

### ଗ୍ରାମାଞ୍ଚଳ ଅର୍ଥନୀତିକୁ ଚଳଚଞ୍ଚଳ କରୁଛି ପୋଷ୍ଟ ଅଫିସ

#### କଂସାରରେ ଜିଲାସ୍ତରୀୟ ଡାକମେଳା

**କେନ୍ଦ୍ରାପଡ଼ା ଅଫିସ,୧୭।୨:** କନ୍ୟା ସମୃଦ୍ଧି ଯୋଜନା ହେଉ ଅଥବା ନିଶ୍ଚିନ୍ତ କର୍ମ ନିଯୁକ୍ତିର ଦେୟକୁ ପୋଷ୍ଟ ଅଫିସ ଉପରେ ଲୋକଙ୍କ ଭରସା ବଢ଼ିଛି। ଏବେ ପୋଷ୍ଟ ଅଫିସରେ ୨୪ ଘଣ୍ଟିଆ ଏଟିଏମ୍ ଖୋଲିଲାଣି। ଏହାବ୍ୟତୀତ ପାସପୋର୍ଟ, ଆଧାର ଆଦି ଜରୁରୀ ଆବଶ୍ୟକତାକୁ ଏହି ସରକାରୀ ଅନୁଷ୍ଠାନ କାର୍ଯ୍ୟ କରୁଛି। ସୁରକ୍ଷିତ ଭାବେ ସଞ୍ଚୟ ଯୋଜନା କାର୍ଯ୍ୟକାରୀ ହୋଇପାରୁଛି। ମୋଟ ଉପରେ ଗ୍ରାମାଞ୍ଚଳ ଅର୍ଥନୀତିକୁ ପୋଷ୍ଟ ଅଫିସ ଚଳଚଞ୍ଚଳ କରୁଛି ବୋଲି କେନ୍ଦ୍ରାପଡ଼ା ବ୍ଲକ କଂସାରଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଡାକମେଳାରେ ଅତିଥିମାନେ ଉପସ୍ଥିତ ଗ୍ରାମବାସୀଙ୍କୁ ଶୁକ୍ରବାର ସଚେତନ କରାଇଛନ୍ତି। କେନ୍ଦ୍ରାପଡ଼ା ଡାକ ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ଡାକ ମେଳା ଓ ଆର୍ଥିକ ସାକ୍ଷରତା ସଭାରେ ସହକାରୀ ଡାକ ଅଧୀକ୍ଷକ ପରମେଶ୍ୱର ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ସିନିୟର ମ୍ୟାନେଜର ଦୁର୍ଗାମାଧବ ପରିଡା, ବ୍ଲକ ସିଡିପିଓ କବିତା ମଞ୍ଜରୀ ନାୟକ, ସରପଞ୍ଚ ସରୋଜିନୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ଇଷ୍ଟ ଇଣ୍ଡିଆ କମ୍ପାନୀ ସମୟରେ ଆରମ୍ଭ ହୋଇଥିବା ଭାରତରେ ଡାକସେବାର ଏବେ ଦ୍ରୁତ ପରିବର୍ତ୍ତନ ହୋଇଛି। ଟଙ୍କା ଦେଣନେଣଠାରୁ ଆରମ୍ଭ କରି ସରକାରୀ ଉନ୍ନୟନ ଯୋଜନାକୁ ଏହି ସରକାରୀ ଅନୁଷ୍ଠାନ ସମସ୍ତଙ୍କ ପାଇଁ ବିଶ୍ୱାସ ଯୋଗ୍ୟ ହୋଇଛି। ସରକାରଙ୍କ ସ୍ୱଳ୍ପ ସଞ୍ଚୟ ଯୋଜନା ହେଉ ଅଥବା ବିଭିନ୍ନ ଯୋଜନାକୁ ଗ୍ରାମାଞ୍ଚଳରେ ପହଞ୍ଚା ଯାଇଛି। ଏହି ମେଳାରେ ଗ୍ରାମବାସୀଙ୍କ ସହ ଉପମଣ୍ଡଳର ସମସ୍ତ ଓଭରସିଅର, ଡାକସେବିକା, ଡାକସେବକ ଭାଗ ନେଇଥିଲେ।

### ଶିବ ଜୟନ୍ତୀ ଉତ୍ସବ ପାଳିତ

**କେନ୍ଦ୍ରାପଡ଼ା ଅଫିସ,୧୭।୨:** କେନ୍ଦ୍ରାପଡ଼ା ବ୍ଲକ ଚନ୍ଦନପୁରଠାରେ ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ଶିବ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ବ୍ରହ୍ମାକୁମାରୀ ଶଶିରେଖା ଓ ସରପଞ୍ଚ ରମାକାନ୍ତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଶିବଙ୍କ ଅବତରଣ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଶ୍ରଦ୍ଧାଳୁଙ୍କୁ ଆଲୋକପାତ କରିଥିଲେ। ବ୍ରହ୍ମାକୁମାର ଅମର, ଦୀପକ, ଗଙ୍ଗାଧର, ବ୍ରହ୍ମାକୁମାରୀ ସୁଷମା ପ୍ରମୁଖ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

### ବୟସ୍କଙ୍କ ଆଶୀର୍ବାଦ ବ୍ୟକ୍ତିକୁ ସଫଳତା ଦେଇଥାଏ

**ଆଳି,୧୭।୨(ଡି.ଏନ.ଏ.):** ମା'ବାପା ଓ ଗୁରୁଜନଙ୍କ ଆଶୀର୍ବାଦ ବ୍ୟକ୍ତିକୁ ସଫଳତାର ଶିଖର ଛୁଆଁଇଥାଏ। ଆଧୁନିକତାର ଦ୍ୱାହିରେ ବରିଷ୍ଠମାନେ ଯେତେବେଳେ ଅବହେଳିତ ହୋଇଛନ୍ତି ସେଉଠୁ ପତନ ଆରମ୍ଭ ହୋଇଛି ବୋଲି ଶୁକ୍ରବାର ଆଳି ବ୍ଲକ ସାନଅକ୍ଷଙ୍କୋ ଗ୍ରାମର ଧବଳେଶ୍ୱର ପୀଠରେ ଚାଲିଥିବା ରୁଦ୍ର ମହାଯଜ୍ଞ ସ୍ଥଳରେ ଅନୁଷ୍ଠିତ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ସାନଅକ୍ଷଙ୍କୋ ଯୁବ ପରିଷଦ ଉଦ୍ୟମ ଓ ଗ୍ରାମବାସୀଙ୍କ ସହଯୋଗରେ ଚାଲିଥିବା ସପ୍ତମ ବାର୍ଷିକ ରୁଦ୍ର ମହାଯଜ୍ଞର ଦ୍ୱିତୀୟ ଦିବସରେ ନିର୍ମଳ ସ୍ୱାଇଁ, ସୁବାସ ରାଉତଙ୍କ ସଂଯୋଜନା ଓ ଶିକ୍ଷକ ସୁଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଗାଁର ଯୁବକମାନେ ବରିଷ୍ଠ ନାଗରିକମାନଙ୍କୁ ଯଜ୍ଞ ସ୍ଥଳିକୁ ପାଛୋଟି ଆଣି ପଦ ପ୍ରକ୍ଷାଳନ ପୂର୍ବକ ଉଦ୍ଦିଷ୍ଟ ଆସନରେ ବସାଇବା ପରେ ଯୁବତୀମାନେ ଅକ୍ଷତ, ଚନ୍ଦନ, ପୁଷ୍ପ ଅର୍ପଣ କରି ବନ୍ଦାପନା କରିବା ସହ ଅଙ୍ଗବସ୍ତ୍ର ପ୍ରଦାନ ପରେ ଗାଁର ଆବାଳ ବୃଦ୍ଧ ବନିତା ଗୁରୁଜନମାନଙ୍କଠାରୁ ଆଶୀର୍ବାଦ କାମନା କରିଥିଲେ। ଏଥିରେ ସାମାଜିକ କର୍ମୀ ଇଂ. ନୀଳାଦ୍ରି ଭୂଷଣ ମହାପାତ୍ର, ସାହିତ୍ୟିକ ଶୈଳଜା ଶଙ୍କର ସାମଲ, କପିଳେଶ୍ୱର କଲେଜର ଅଧ୍ୟକ୍ଷ ନଗେନ ନାରାୟଣ ସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୂଜ୍ୟପୂଜାର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରମୋଦ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନବୀନ ସ୍ୱାଇଁ ଉଦ୍ଦେଶ୍ୟ ଜ୍ଞାପନ ଓ ରଶ୍ମି ରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ। ରଞ୍ଜନ ପାତ୍ର, ଗଗନ ଦାଶ, ଗୋଲେଖ ବେହେରା, ଅକ୍ଷୟ ସ୍ୱାଇଁ, ସଂଗ୍ରାମ ପାତ୍ର, ବିମଳ ସ୍ୱାଇଁ, ପ୍ରଭାତ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମ କମିଟି ପକ୍ଷରୁ ଶରତ ରାଉତ, ଘନଶ୍ୟାମ ବସନ୍ତ, ବେଣୁଧର ଦାଶ, ନିରାକାର ପାତ୍ର, ଦାମୋଦର ନାଥ, ଭରତ ତରାଇ ଓ ଯୁବ ପରିଷଦ ପକ୍ଷରୁ ସୁବାସ ସ୍ୱାଇଁ, ସଞ୍ଜୟ ରାଉତ, ରାଜେଶ ନାଥ, ସରୋଜ ପାତ୍ର, ସୁବାଳ ସ୍ୱାଇଁ, ପ୍ରଶାନ୍ତ ବସନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ଚୋରା କୋଇଲାର ଚାଲାଣପଥ ଏବେ ଭିତରକନିକା

- ଧାମରାରୁ ବୋଟ୍ ଯୋଗେ ଜିଲାକୁ ଆସୁଛି
- ଅର୍ଥାଭାବ ସ୍ଥାନୀୟ ଅଧିବାସୀଙ୍କୁ ଅପରାଧପ୍ରବଣ କରୁଛି
- ବନ, ପୋଲିସ ବିଭାଗର ତନଖି ବ୍ୟବସ୍ଥା ଢିଲା

**କେନ୍ଦ୍ରାପଡ଼ା ଅଫିସ, ୧୭।୨**

ବନ୍ୟଜନ୍ତୁ ଓ ଜୈବ ବିବିଧତାର ସୁରକ୍ଷା ପାଇଁ ଜାତୀୟ ଉଦ୍ୟାନ ଭିତରକନିକାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ତେବେ ଏହି ଘୋଷଣା ଚୋରା କୋଇଲା ଚାଲାଣକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ବନ ବିଭାଗ ଓ ଜିଲା ପୋଲିସର ତନଖି ବ୍ୟବସ୍ଥାକୁ ନଜର ଅନ୍ଦାଜ କରି ଧାମରାରୁ ଚୋରାରେ ଆସିଥିବା କୋଇଲାକୁ ଜିଲା ବାହାରକୁ ପଠାଯାଉଛି। ସ୍ଥାନୀୟ ଅଧିବାସୀ ଏହି କୋଇଲାର ଲୋଡିଂ ଅନଲୋଡିଂ କରୁଛନ୍ତି। ଏହି ବେଆଇନ କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ଅପରାଧପ୍ରବଣତାକୁ ବୃଦ୍ଧି କରୁଥିବା ମତପ୍ରକାଶ ପାଉଛି।

ଏ ସମ୍ପର୍କରେ ରାଜନଗରର ଶ୍ରୀକାନ୍ତ କୁମାର ମହାଳିକ କହିଛନ୍ତି, ଭଦ୍ରକ ଜିଲା ଧାମରା ବନ୍ଦରରୁ କଟକ ପର୍ଯ୍ୟନ୍ତ ଏହି କୋଇଲା ଚାଲାଣ ରାକେଟର ସଦସ୍ୟମାନେ ଦୀର୍ଘଦିନ ଧରି ସକ୍ରିୟ ଅଛନ୍ତି। ପ୍ରତି ରାତିରେ ୨ରୁ ୫ଟି ଟ୍ରକ୍‌ରେ କୋଇଲା ଚାଲାଣ ହେଉଛି। ଖମାର ପଞ୍ଚାୟତ ପରମାନନ୍ଦପୁର ଗ୍ରାମ ସୀମାକୁ ଲାଗିଥିବା ବ୍ରାହ୍ମଣୀ ନଦୀ କୂଳରେ ଏହି କାରବାର ଚାଲିଛି। ଧାମରା ବନ୍ଦରରୁ ଏହି କୋଇଲା ଆସୁଛି। ବନ୍ଦରକୁ ଆସୁଥିବା ଜାହାଜରୁ କୌଣସି ପ୍ରକାର କୋଇଲାକୁ ଆଣି ବୋଟରେ ଲଦି ଭିତରକନିକା ନିଷିଦ୍ଧାଞ୍ଚଳରେ ଅନଲୋଡିଂ କରାଯାଉଛି। ସେଠାରେ ସିମେଣ୍ଟ ବସ୍ତାରେ ପ୍ୟାକିଂ କରାଯାଇ ଜିଲା ବାହାରକୁ ପଠାଯାଉଛି। ନଳିତାପାଟିଆ, ଖୋଲା ଆଦି ସ୍ଥାନରେ ଏହି କୋଇଲା ଅନଲୋଡିଂ ହେଉଛି। କୋଇଲା ଲୋଡିଂ ଓ ଅନଲୋଡିଂରେ ସ୍ଥାନୀୟ ଅଧିବାସୀ ସହଯୋଗ କରୁଛନ୍ତି। ଅର୍ଥାଭାବରୁ ସ୍ଥାନୀୟ ଅଞ୍ଚଳର ଶ୍ରମିକମାନେ ଏହି କାମ ଆରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ ଅପରାଧପ୍ରବଣ ହେଉଥିବା ଲକ୍ଷ୍ୟ କରାଯାଉଛି। ନିଷିଦ୍ଧାଞ୍ଚଳରେ କୋଇଲାର ଚୋରାଚାଲାଣ ବନ୍ଦ ନ ହେଲେ ଭିତରକନିକାର ପରିବେଶ ଅପରାଧୀଙ୍କ ପାଇଁ ଆଗାମୀ ଦିନରେ ଭୂସ୍ୱର୍ଗ ପାଲଟିଯିବ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ଅଞ୍ଚଳର ଜଣେ ଲୋକ ନିଜ ନାମ ଗୋପନ ରଖି କୁହନ୍ତି ଯେ, ବେଆଇନ ଭାବେ ଆସୁଥିବା କୋଇଲା ଚାଲାଣ ସମ୍ପର୍କରେ ସମସ୍ତେ ଜାଣନ୍ତି। ତାଳଚୁଆ ସାମୁଦ୍ରିକ ପୋଲିସ ଥାନାଠାରୁ ମାତ୍ର ଦେଢ଼ କିଲୋମିଟର ଦୂରରେ ଏହି କାରବାର ଚାଲିଥିବା ବେଳେ ଚାଲାଣ ପଥରେ ବନ ବିଭାଗର ଗେଟ୍, ଜିଲା ପୋଲିସର ରାତ୍ର ପାଟ୍ରୋଲିଂ, ବିଭିନ୍ନ ଟୋଲ୍ ଗେଟ୍ ଅଛି। ଏହାସତ୍ତ୍ୱେ କୋଇଲା ଚାଲାଣ ହେଉଛି କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ସେ ପ୍ରକାଶ କରିଛନ୍ତି ଯେ, ନିଷିଦ୍ଧାଞ୍ଚଳରେ କୋଇଲା ଚାଲାଣ ବଡ଼ କଥା ହୋଇ ରହିନାହିଁ। ବରଂ ଏହି ଅଞ୍ଚଳରେ ଏବେ ନିଶା କାରବାର ବଢ଼ିଛି। ସେହିପରି ଅନୁପ୍ରବେଶ ବଢ଼ିବା ସହ ଚିଙ୍ଗୁଡ଼ି ଘେରି ନିର୍ମାଣଠାରୁ ଆରମ୍ଭକରି ଜଙ୍ଗଲ ଜମିକୁ କେତେଜଣ ଅପରାଧପ୍ରବଣ ବ୍ୟକ୍ତି ଜବରଦଖଲ କରୁଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ଏପରି ଘଟଣା ବନ ବିଭାଗ ନଜରକୁ ଆସିନାହିଁ। ତେବେ ପୂର୍ବରୁ ରାଜନଗରର ତାରିଣୀ ମନ୍ଦିର ଓ ରାଜକନିକାଠାରେ ବେନିୟମ ଭାବେ କୋଇଲା ଚାଲାଣ ସମୟରେ ଜିଲା ପୋଲିସ ପକ୍ଷରୁ ରାତ୍ର ପାଟ୍ରୋଲିଂ ସମୟରେ ଧରାପଡିଥିଲା।



ଖୋଲା ନିକଟରେ କୋଇଲା ବୋଝେଇ ଡଙ୍ଗା।



ହରିଦାସପୁର-ପାରାଦୀପ ରେଳପଥରେ ପ୍ରଥମଥର ପାଇଁ ୬ ଡବା ବିଶିଷ୍ଟ ଯାତ୍ରୀବାହୀ ଟ୍ରେନ୍ ଶୁକ୍ରବାର ଚାଲିଛି।

## ୱାର୍ଡ ସଭ୍ୟାସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଶେଷ

**ମାର୍ଶାଘାଇ,୧୭।୨ (ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କାନପୁର ଛକ ନିକଟସ୍ଥ ଶାରଳା ମଣ୍ଡପ ସଭାଗୃହଠାରେ ୱାର୍ଡ ସଭ୍ୟାସଭ୍ୟଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଶାନ୍ତି ମୈତ୍ରୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଶିବିରରେ ମାର୍ଶାଘାଇ ବ୍ଲକର ମାର୍ଶାଘାଇ, ମଣିକୁଣ୍ଡା ଓ ରାଘବପୁର ପଞ୍ଚାୟତ ଓ କେନ୍ଦ୍ରାପଡ଼ା ବ୍ଲକର ଗଙ୍ଗପଡ଼ା, ଢୋଲ, ଧୂମାତ ଓ ଚାରିଗାଁ ପଞ୍ଚାୟତରୁ ଆସିଥିବା ୱାର୍ଡ ସଭ୍ୟାସଭ୍ୟମାନେ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଅଶୋକ କୁମାର ପରିଡା, ପ୍ରତିମା ପ୍ରଧାନ, ସୁଶାନ୍ତ ଦାସ, ସମରେନ୍ଦ୍ର ସାମଲ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ପଞ୍ଚାୟତକୁ ଆସୁଥିବା ସରକାରୀ ଯୋଜନାର ସଫଳ ରୂପାୟନରେ ୱାର୍ଡ ସଭ୍ୟାସଭ୍ୟମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ବ୍ଲକ ଜିପିଓ ଚନ୍ଦ୍ରକାନ୍ତି ବେଉରା ଓ ଶାନ୍ତି ମୈତ୍ରୀ ଅନୁଷ୍ଠାନର ନିର୍ଦ୍ଦେଶକ ଭଗବାନ ଜେନା ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ପୁଲକ ରଞ୍ଜନ ରଥ, ଚିତ୍ତରଞ୍ଜନ ଦାସ, ସୁମିତ୍ରା ଜଟ, ମନୋରଞ୍ଜନ ଦାସ, ପ୍ରଭାସିନୀ ସାହୁ, କୃଷ୍ଣଚନ୍ଦ୍ର ସାହୁ, ପ୍ରଭାତୀ ଲେଙ୍କା, ରାଜେନ୍ଦ୍ର ଦାସ, ବୈକୁଣ୍ଠ ପ୍ରଧାନ, ପ୍ରଶାନ୍ତ ବସନ୍ତିଆ ଓ ଚନ୍ଦ୍ରଶେଖର ରାଉତଙ୍କ ସମେତ ବହୁ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଯାଜପୁର ଇଲେଭେନ ଷ୍ଟାର ଚାମ୍ପିୟନ

### ଶରତ ଦେବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଆଳି,୧୭।୨(ଡି.ଏନ.ଏ.)**

ଆଳି ବ୍ଲକ ଜୁଆଣିଆ ପଞ୍ଚାୟତର ଜୁଆଣିଆ-ବାରମାଣିଆ ମିନି ଷ୍ଟାଡିୟମରେ ଚାଲିଥିବା ଶରତ କୁମାର ଦେବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ଯାଜପୁର ଇଲେଭେନ ଷ୍ଟାର ଓ କେନ୍ଦ୍ରାପଡ଼ାର ଗୋପବନ୍ଧୁ କ୍ରିକେଟ କ୍ଲବ ଇନ୍ଦୁପୁର ମଧ୍ୟରେ ହୋଇଥିଲା। ଯାଜପୁର ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂକରି ୨୦ ଓଭରରେ ୮ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଜବାବରେ ଗୋପବନ୍ଧୁ କ୍ରିକେଟ କ୍ଲବ ଇନ୍ଦୁପୁର ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୭ ରନ କରି ପରାଜିତ ହୋଇଥିଲା। ଏହି ଅବସରରେ ନିଖିଳ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ମୁଖ୍ୟବକ୍ତା ଭାବେ ଜିଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି, ସମ୍ମାନନୀୟ ଅତିଥି ଭାବେ ୧ନଂ. ଜୋନ ଜିଲା ପରିଷଦ ପ୍ରତିନିଧି କେଦାରନାଥ ବେହେରା, ବ୍ଲକ ସଭାପତି ସନାତନ ମିଶ୍ର, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ସୁମନ୍ତ ରାଉତ, ହିମାଂଶୁ ବାରିକ, ଦେସାହି ସମବାୟ ସଭାପତି ପୁରୁଷୋତ୍ତମ ପଲାଇ, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଟିମ୍ ଯାଜପୁର ଇଲେଭେନ ଷ୍ଟାରକୁ ଟ୍ରଫି ସହ ୨୦ ହଜାର, ରନର୍ସଅପ ଇନ୍ଦୁପୁର ଟିମ୍‌କୁ ଟ୍ରଫି ସହ ୧୨ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏଥିସହ ଯାଜପୁର ଟିମ୍‌ର ଅଭିଳାଷ ରାଉତରାୟଙ୍କୁ ମ୍ୟାନ ଅଫ ଦି ସିରିଜ, ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ଅମ୍ପେୟାର ଭାବେ ବଂଶୀଧର ସ୍ୱାଇଁ, ଜ୍ଞାନରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଜୁଆଣିଆ ପଞ୍ଚାୟତର ଯୁବକମାନେ ପରିଚାଳନା କରିଥିଲେ।



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଭଲ ମଣିଷ ଗଢ଼ିତୋଳିବା ପାଇଁ ବିଦ୍ୟାଳୟ ହିଁ ପ୍ରକୃଷ୍ଟ ସ୍ଥାନ

### ରାମଚଣ୍ଡୀ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ

**ଡେରାବିଶ, ୧୭।୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଛୋଟିସ୍ଥିତ ରାମଚଣ୍ଡୀ ଶିକ୍ଷାନିକେତନର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ନିର୍ମାଣ ବିଭାଗର ଅତିରିକ୍ତ ଶାସନ ସଚିବ ସୁଦର୍ଶନ ପରିଡ଼ା ଉଦ୍‌ଘାଟନ କରିବା ସହ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ଭାବେ ଗଢ଼ିତୋଳିବା ପାଇଁ ବିଦ୍ୟାଳୟ ହିଁ ପ୍ରକୃଷ୍ଟ ସ୍ଥାନ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କୃପାସିନ୍ଧୁ ମିଶ୍ର ଯୋଗଦେଇ ନିଜର ଶିକ୍ଷା ସହ ପ୍ରତ୍ୟେକ ଛାତ୍ରୀଛାତ୍ର ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଗ୍ରହଣ କରିବା ସହ ପିତାମାତାଙ୍କୁ ଭକ୍ତି ପ୍ରଦର୍ଶନ କରିବା ପାଇଁ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଶିକ୍ଷାନିକେତନର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ବେହେରା, ଡା. ସଚ୍ଚିଦାନନ୍ଦ ମିଶ୍ର, ଛୋଟି ସରପଞ୍ଚ ରଜନୀ ମଲିକ ଯୋଗଦେଇଥିଲେ। ସେମାନେ ନିଜ ଭିତରେ ମଣିଷପଣିଆ ଭାବନା ତିଆରି କରି ଦେଶ ଗଠନରେ ସହାୟକ ହେବା ଉପରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଶିକ୍ଷକ ତ୍ରିଲୋଚନ ମଲିକ ଅତିଥି ପରିଚୟ ଓ ସତ୍ୟରାମ ବାରିକ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ୨ଟି ନାଟକ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମୋ ସ୍କୁଲ ଅଭିଯାନ କମିଟିର ସଦସ୍ୟ ପ୍ରସନ୍ନ କୁମାର ସାହୁ, ଭାଗବତ ରାଉତ, ରେବତୀ ବାରିକ, ପ୍ରତିଜ୍ଞା ପରିଜା ପ୍ରମୁଖ ପରିଚାଳନା କରିଥିଲେ।



ଶିକ୍ଷା ନିକେତନର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଉନ୍ନୟନ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ ଦାବି

### ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି





ପଟ୍ଟାମୁଣ୍ଡାଇ ପୌର ପରିଷଦରେ ଅଧାପନ୍ତରିଆ ଅବସ୍ଥାରେ ଇ ଶୌଚାଳୟ ଓ କଚେରି ପୋଖରୀ।

**ପଟ୍ଟାମୁଣ୍ଡାଇ,୧୭।୨(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ପକ୍ଷରୁ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଥିବା ନେଇ ନଗର କଂଗ୍ରେସ କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଗୁପ୍ତ ରହସ୍ୟ ଲୋକଲୋଚନକୁ ଆସିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ୨୦୨୨ ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ ଯୋଗଦେଇ ପଟ୍ଟାମୁଣ୍ଡାଇ ପୌର ପରିଷଦ ଦ୍ୱାରା ନିର୍ମିତ ୩ଟି ପ୍ରକଳ୍ପ ସ୍ମାର୍ଟ ପାର୍କ, ଭେଣ୍ଡିଂ ଜୋନ ଓ ପ୍ରେକ୍ଷାଳୟ ଲୋକାର୍ପଣ କରିଥିଲେ। ଇତିମଧ୍ୟରେ ୫ ମାସ ବିତିଯାଇଥିଲେ ମଧ୍ୟ ପ୍ରେକ୍ଷାଳୟ ଓ ସ୍ମାର୍ଟ ପାର୍କ କାହାରି କାମରେ ଆସୁନାହିଁ। ଭେଣ୍ଡିଂ ଜୋନ ଅଧାପନ୍ତରିଆ ହୋଇ ରହିଛି। ସେହିପରି ୨୦୧୮ ସ୍ୱାୟତ୍ତ ଶାସନ ଦିବସରେ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ହୋଇଥିଲା। ମାତ୍ର ୫ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ସଭା ସମିତି, ବିବାହ, ବ୍ରତ ଆଦି କାର୍ଯ୍ୟରେ ବ୍ୟବହୃତ ହେଉ ନ ଥିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଶିଶୁ ପାର୍କର ସମସ୍ତ ଆସବାବପତ୍ର ବ୍ୟବହାର ହୋଉ ନ ଥିବାରୁ ନଷ୍ଟ ହେବାକୁ ବସିଲାଣି। ୨୦୨୦ ମାର୍ଚ୍ଚଠାରୁ ୨୦୨୨ ଅକ୍ଟୋବର ପର୍ଯ୍ୟନ୍ତ ମୁକ୍ତା ଯୋଜନା ମାଧ୍ୟମରେ ୨୦ଟି ୱାର୍ଡରେ ୨୮୫ଟି ଜଳ ସଂରକ୍ଷଣ ପ୍ରକଳ୍ପ ବାବଦକୁ ମୋଟ ୧ କୋଟି ୧୩ ଲକ୍ଷ ୫୪ ହଜାର ୩ ଟଙ୍କା ଖର୍ଚ୍ଚ ହୋଇଛି। ମାତ୍ର ସେହି ଜଳ ଅମଳ ପ୍ରକଳ୍ପଗୁଡ଼ିକର ଏବେ ଆଉ ଚିହ୍ନବର୍ଣ୍ଣ ନାହିଁ। କେବଳ ଫଳକ ଦେବାଲ ଅଛି, ଲେଖା ଲିଭିଗଲାଣି, ଜଳ ଅମଳ ପ୍ରକଳ୍ପଗୁଡ଼ିକ ପଡ଼ି ରହିଛି। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଏଭଳି ବେଆଇନ ତଥା ମନମୁଖି କାର୍ଯ୍ୟରେ ପୌରାଞ୍ଚଳବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ନିକଟରେ ଏକ ବୟନିକା ବିକ୍ରୟ କେନ୍ଦ୍ର ଗୃହ ନିର୍ମାଣ କରାଯାଇଥିଲା। ସେହି ଘରେ ବୟନିକା ବିକ୍ରୟ କେନ୍ଦ୍ର ୨୦୧୯ ମାର୍ଚ୍ଚ ୬ରେ ଉଦ୍‌ଘାଟିତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସରକାରୀ ଘରୁ ବୟନିକାକୁ ବନ୍ଦ କରାଇ ଜଣେ ବ୍ୟକ୍ତିଙ୍କୁ ଲିଜ ସୂତ୍ରରେ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ବିଦ୍ୟୁତ୍ ଷ୍ଟ୍ରିଟ ଲାଇଟ ମରାମତି ପାଇଁ ଆସିଥିବା ଗାଡି ଇଲେକ୍ଟ୍ରିକ ଅଫିସରେ ପଡ଼ି ଖତ ଖାଉଛି।

ଏ ସମ୍ପର୍କରେ ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କୁ ପଚାରିବାରେ ମାର୍କେଟ କମ୍ପ୍ଲେକ୍ସ ନିକଟ ଗୃହ କାହାକୁ ଭଡା ସୂତ୍ରରେ ଦିଆଯାଇନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ଏହାଛଡା ୨୦୧୯ ସ୍ୱାୟତ୍ତ ଶାସନ ଦିବସ ଅବସରରେ ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଚେରି ପୋଖରୀ ପୁନରୁଦ୍ଧାର କାର୍ଯ୍ୟ, ଉଠା ଦୋକାନୀମାନଙ୍କୁ ଉପଯୁକ୍ତ ଥଇଥାନ କରିବାକୁ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ମହାବୀର ବଜାରଠାରେ ଭେଣ୍ଡିଂ ଜୋନ, ୧ କୋଟି ଟଙ୍କା ବ୍ୟୟରେ ମଲ୍ଟି ଷ୍ଟୋରେଡ ମାର୍କେଟ କମ୍ପ୍ଲେକ୍ସ, ଯଜ୍ଞ ପଡିଆର ଉନ୍ନତୀକରଣ କାର୍ଯ୍ୟର ଶୁଭ ଦିଆଯାଇଥିବାବେଳେ ତାହାର ଅଗ୍ରଗତି ହେଉନାହିଁ। ସେହିଭଳି ୧ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହୋଇଥିବା ଇକୋ-ଟଏଲେଟ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିରହିଛି। ଏହାଛଡା ମ୍ୟୁନିସିପାଲିଟି ପକ୍ଷରୁ ବିଦ୍ୟୁତ୍ ସାମଗ୍ରୀ, ବକେଟ, ଡଷ୍ଟବିନ୍, ମଶାତେଲ, ବ୍ଲିଚିଂ, ଅଫିସ ସରଞ୍ଜାମ କିଣାରେ ବ୍ୟାପକ ଦୁର୍ନୀତି ହୋଇଛି। ସେହିପରି ମ୍ୟୁନିସିପାଲିଟି କାର୍ଯ୍ୟାଳୟର ସୌନ୍ଦର୍ଯ୍ୟକରଣ ପାଇଁ ଆସିଥିବା ଟଙ୍କା ଅନ୍ୟ କାର୍ଯ୍ୟରେ ବିନିଯୋଗ ହୋଇଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ କମିଟି ସଭାପତି ଅମୂଲ୍ୟ ପ୍ରଧାନ, ପୂର୍ବତନ କାଉନସିଲର ହିରଣ୍ୟ ରାଉତ, କଳାକାର ସେଠୀ, ସେକ୍ ଅମରୁଲ୍ଲା, ରାମଚନ୍ଦ୍ର ନାୟକ, ସନାତନ ବିଶ୍ୱାଳ, ତପନ ପାତ୍ର, ଆଲୋକ ଧଳ ପ୍ରମୁଖ ରାଜ୍ୟ ସରକାର ଓ ଜିଲା ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ବରିଷ୍ଠ ନାଗରିକଙ୍କ ପକ୍ଷରୁ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, କସ୍ତୁରୀ ଚରଣ ସ୍ୱାଇଁ ଓ ସାମାଜିକ କର୍ମୀ ଗୋପୀନାଥ ତ୍ରିପାଠୀ ପ୍ରମୁଖ ତଦନ୍ତ ପାଇଁ ଦାବି କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୌମ୍ୟ



@ ଅମ୍ରିତା



@ ବନ୍ଦିତା



@ ଦୀପା





@ ଲିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୂର୍ବତନ ରିଲେଶନ ଅଫିସର ଜେଲ ଗଲେ

ନୟାଗଡ଼ ଅଫିସ,୧୭।୨

ନୟାଗଡ଼ ଟାଉନ ଥାନା ପୋଲିସ ନୟାଗଡ଼ ସହରର ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ପୂର୍ବତନ ରିଲେଶନ ଅଫିସରଙ୍କୁ ଫେକ୍ ଆକାଉଣ୍ଟରେ ୪୦ ଲକ୍ଷ ଠକେଇ ଅଭିଯୋଗରେ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପୂର୍ବତନ ରିଲେଶନ ଅଫିସର ତଥା ପୁରୀ ଜିଲା ଡେଲାଙ୍ଗ ଥାନା ଟୋଲାପଡ଼ା ଗାଁର ପ୍ରବୀର କୁମାର ସେନାପତି ଓରଫ ପପୁଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଥିବା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ନୟାଗଡ଼ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ଖବରଦାତା ସମ୍ମିଳନୀ କରି ପ୍ରକାଶ କରିଛନ୍ତି।

ଅତିରିକ୍ତ ଏସ୍‌ପିଙ୍କ ସୂଚନା ଅନୁସାରେ, ଡେଲାଙ୍ଗ ଥାନା ଟୋଲାପଡା ଗାଁର ପ୍ରବୀର ନୟାଗଡ଼ର ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ ରିଲେଶନ ଅଫିସର ଭାବେ କାମ କରୁଥିଲେ। ଗତ ୨ ତାରିଖରେ ପ୍ରବୀର ଚାକିରିରୁ ଇସ୍ତଫା ଦେଇଥିଲେ। ପ୍ରବୀରଙ୍କ ଇସ୍ତଫା ପରେ ତାଙ୍କର ଜଣେ ସାଙ୍ଗ ଅଭିମନ୍ୟୁ ମୁଦୁଲି ରିଲେଶନ ଅଫିସର ଭାବେ କାମ କରିଥିଲେ। ଅଭିମନ୍ୟୁ ଏକ ନୂଆ ମୋବାଇଲ କିଣିଥିବାରୁ ପୁରୁଣା ମୋବାଇଲକୁ ବିକ୍ରି କରିବାକୁ ଚାହିଁଥିଲେ। ଏପରି ସମୟରେ ପ୍ରବୀର ଅଭିମନ୍ୟୁଙ୍କ ପୁରୁଣା ମୋବାଇଲକୁ କିଣିଥିଲେ। ପୁରୁଣା ମୋବାଇଲ କିଣିବା ପରେ ପ୍ରବୀର ୮ଟି ଫେକ୍ ଆକାଉଣ୍ଟ ଖୋଲିଥିଲେ। ଫେକ୍ ଆକାଉଣ୍ଟ କରି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ୪ଟି ବିଭିନ୍ନ ଶାଖାରୁ ୪୦ ଲକ୍ଷ ଟଙ୍କା ଚଞ୍ଚକତା କରି ଉଠାଇ ନେଇଥିଲେ। ପରେ ନିଜର ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟ ନଂ.୯୨୩୦୨୦୦୦୨୭୮୯୪୪୨ରୁ ଫେକ୍ ଆକାଉଣ୍ଟକୁ ୪୦ ଲକ୍ଷ ନେଇ ଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୯ ଲକ୍ଷ ୯୦ ହଜାର ଟଙ୍କା ଆକ୍ସିସ୍ ବ୍ୟାଙ୍କରୁ ଚେକ୍ ମାଧ୍ୟମରେ ଉଠାଣ କରିଥିଲେ। ପୁଣି ୧ ଲକ୍ଷ ୪ ହଜାର ୫ଶହ ଟଙ୍କାର ଏକ ଜୀବନ ବୀମା କରିଥିଲେ। ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ୪୦ ଲକ୍ଷ ଟଙ୍କା ଠକେଇ କରି ଉଠାଣ ହୋଇଥିବା ଜଣାପଡ଼ିବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ଏ ନେଇ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଏରିଆ ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ା ନୟାଗଡ଼ ଟାଉନ ଥାନାରେ ଗତ ୧୫ ତାରିଖରେ ଅଭିଯୋଗ କରିଥିଲେ।


ଅତିରିକ୍ତ ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ଜବତ ଟଙ୍କା ସହ ଅଭିଯୁକ୍ତ ପ୍ରବୀର ସେନାପତି ଓ ପୋଲିସ ଅଧିକାରୀମାନେ।

■ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ ଠକେଇ କରିଥିଲେ
■ ୮ ଫେକ୍ ଆକାଉଣ୍ଟରେ ୪୦ ଲକ୍ଷ ଠକେଇ
■ ୯.୯୦ ଲକ୍ଷ ଟଙ୍କା ଜବତ

ଅଭିଯୋଗ ପାଇବା ପରେ ପୋଲିସ ଦଫା ୪୦୬,୪୦୯, ୩୪ ଆଇପିସିରେ ନଂ.୩୧/୨୦୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ପ୍ରବୀର ସନ୍ଦେହକୁ ଆସିବା ପରେ ଟୋଲାପଡା ଗାଁରୁ ଉଠାଇ ଆଣି ପଚରାଉଚରା କରିଥିଲା। ପରେ ପ୍ରବୀରଙ୍କଠାରୁ ୯ ଲକ୍ଷ ୯୦ ହଜାର ଟଙ୍କା, ଠକେଇ କରାଯାଇଥିବା ମୋବାଇଲକୁ ଜବତ କରାଯାଇଛି। ଅନ୍ୟ ଟଙ୍କା ବ୍ୟାଙ୍କ ଓ ଜୀବନ ବୀମା ନିଗମରେ ଡିପୋଜିଟ୍ ଅଛି। ପୋଲିସ ଉକ୍ତ ଟଙ୍କାକୁ ଫ୍ରିଜ୍ କରିଛି। ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଉକ୍ତ ଟଙ୍କା ଉଠାଣ କରାଯାଇପାରିବ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ତପସ୍ୱିନୀ କଅଁର, ଟାଉନ ଥାନା ଦାୟିତ୍ୱରେ ଥିବା ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ, ସବ୍‌ଇନ୍ସପେକ୍ଟର ଧର୍ମେନ୍ଦ୍ର ସିଆଳ ଓ ଶିବରଞ୍ଜନ ସିଙ୍ଗା ଉପସ୍ଥିତ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୌମ୍ୟ


@ ଅମ୍ରିତା


@ ବନ୍ଦିତା


@ ଦୀପା


@ ଲିପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଇ-ଷ୍ଟାମ୍ପ କେନ୍ଦ୍ର ଉଦ୍‌ଘାଟିତ

**ଖଣ୍ଡପଡ଼ା,୧୭।୨ (ସ୍ୱ.ପ୍ର.):** ଅଞ୍ଚଳବାସୀଙ୍କୁ ହାତ ପାହନ୍ତାରେ ସରକାରୀ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ନିକଟସ୍ଥ ସିଏସ୍‌ସି କେନ୍ଦ୍ରରେ ଜମିଜମା ଓ ବିଭିନ୍ନ ଦଲିଲ ପଞ୍ଜୀକରଣ ସମ୍ପର୍କୀତ ଇ-ଷ୍ଟାମ୍ପ କେନ୍ଦ୍ରର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଉପ ନିବନ୍ଧକ ସନ୍ତୋଷ କୁମାର ଦଳବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ନୂତନ ଇ-ଷ୍ଟାମ୍ପ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସିଏସ୍‌ସିର ଜିଲା ଅଧିକାରୀ ସୁବାସ ଚନ୍ଦ୍ର ପରିଡା, ଇ-ଷ୍ଟାମ୍ପ ବ୍ୟବସ୍ଥାର କ୍ଷେତ୍ର ପରିଚାଳକ ବିପିନ ସାହୁ, ସିଏସ୍‌ସିର ବରିଷ୍ଠ ଅଧିକାରୀ ପ୍ରତାପ ବେହେରା, ଅଧାପକ ପ୍ରଦୀପ୍ତ କୁମାର ନନ୍ଦ, ଆଇନଜୀବୀ ହରିଶ୍ଚନ୍ଦ୍ର ପ୍ରଧାନ, ପ୍ରିୟବ୍ରତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସରକାରୀ କାର୍ଯ୍ୟାଳୟ ବ୍ୟତୀତ ଜମିଜମା କିଣା ବିକାରେ ବ୍ୟବହୃତ ଇ-ଷ୍ଟାମ୍ପ, ଅଦାଲତରେ ବ୍ୟବହୃତ ସମସ୍ତ ଆବଶ୍ୟକ କାଗଜାତ ଏହି ନୂତନ ଇ-ଷ୍ଟାମ୍ପ କେନ୍ଦ୍ରରେ ଉପଲବ୍ଧ ହେବା ସହ ଜନସାଧାରଣଙ୍କୁ ନିରନ୍ତର ସେବା ଯୋଗାଇ ଦିଆଯିବ ବୋଲି କେନ୍ଦ୍ରର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ନନ୍ଦଙ୍କ ଠାରୁ ପ୍ରକାଶ।

# ପ୍ରାଣୀ ସହାୟକ କେନ୍ଦ୍ର ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି

ଗଣିଆ,୧୭।୨(ଡି.ଏନ.ଏ.)

### ୬ ବର୍ଷ ଧରି କାର୍ଯ୍ୟାଳୟରେ ତାଲା ପଡ଼ିରହିଛି

ଗଣିଆ ବ୍ଲକ ଛାମୁଣ୍ଡିଆଠାରେ ଥିବା ପ୍ରାଣୀ ସହାୟକ କେନ୍ଦ୍ରରେ ୬ବର୍ଷ ଧରି କୌଣସି କର୍ମଚାରୀ ରହୁ ନ ଥିବାରୁ ତାଲା ପଡି ରହିଛି। ଏଠାରେ ପ୍ରାଣୀ ସହାୟକ କେନ୍ଦ୍ର ସହ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ରହଣି ପାଇଁ ବାସଭବନ ନିର୍ମାଣ କରାଯାଇଛି। ହେଲେ ଗୃହ ନିର୍ମାଣ ପରଠାରୁ କର୍ମଚାରୀଙ୍କ ରହିବା ତ ଦୂରର କଥା ଦିନେ ବି ହେଲେ ଅଫିସ ଖୋଲାଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏପରି କି ଏହି ସହାୟକ କେନ୍ଦ୍ର ଓ ବାସଭବନ ମରାମତି ଏବଂ ରଙ୍ଗ କରିବାକୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ସରକାରୀ ଅର୍ଥ ଖର୍ଚ୍ଚ କରାଯାଉଛି। ସମ୍ପୃକ୍ତ ପ୍ରାଣୀଧନ ନିରୀକ୍ଷକ ଅଫିସ ନ ଖୋଲିବା ସହ ଏଠାରେ ରହୁ ନ ଥିବାରୁ ପ୍ରାଣୀ ସହାୟକ କେନ୍ଦ୍ରଟି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିବା ସହ ବୁଲା ଗୋରୁ ଓ କୁକୁରଙ୍କ ଆଶ୍ରୟସ୍ଥଳ ପାଲଟିଛି।

ପ୍ରତିଦିନ ଏଠାରେ ଅସାମାଜିକ ବ୍ୟକ୍ତିମାନେ ମାଦକ ଦ୍ରବ୍ୟ ସେବନ କରିବା ସହ ତାସ୍ ଖେଳୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପ୍ରାଣୀ ସହାୟକ କେନ୍ଦ୍ର ଉପରେ ଛାମୁଣ୍ଡିଆ ଓ ବଡଶିଲିଙ୍ଗା ପଞ୍ଚାୟତର ଲୋକମାନେ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ବିଶେଷକରି ଚଳିତ ଋତୁରେ ବିଭିନ୍ନ ଗୃହପାଳିତ ପ୍ରାଣୀଙ୍କୁ ଫାଟୁଆ, ବଜବଜିଆ ପରି ରୋଗର ଶୀକାର ହେଉଥିବା ବେଳେ ସମ୍ପୃକ୍ତ କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ତେବେ ପ୍ରାଣୀ ସମ୍ପଦର ବିକାଶ ଓ ରୋଗ ନିରାକରଣ ପାଇଁ ସରକାରୀ କର୍ମଚାରୀଙ୍କୁ ନିଯୁକ୍ତି କରାଯିବା ସହ ଦରମା ବାବଦରେ ସରକାରଙ୍କ ତହବିଲରୁ ମଧ୍ୟ ବହୁ ଅର୍ଥ ବ୍ୟୟ କରାଯାଉଛି। ଏପରିସ୍ଥଳେ ଏଠାରେ ନିଯୁକ୍ତି ପାଇଥିବା ପ୍ରାଣୀଧନ ନିରୀକ୍ଷକ ରହୁ ନ ଥିବା ବେଳେ ସମ୍ପୃକ୍ତ ବିଭାଗୀୟ ଉଚ୍ଚ ପଦାଧିକାରୀ ଜାଣିଶୁଣି ତାଙ୍କୁ ଘଣ୍ଟ ଘୋଡାଉଥିବା ଘଟଣା ସରକାରଙ୍କ ୫ଟିକୁ ଏହି ବିଭାଗୀୟ କର୍ମଚାରୀମାନେ ସତେ ଯେପରି ଫୁ କରି ଦେଇଛନ୍ତି ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ସ୍ଥାନୀୟ ଜନସାଧାରଣଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିବା ସହ ଜିଲାପାଳ ଓ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ଦୃଷ୍ଟିଗୋଚର କରାଯିବ ବୋଲି ଛାମୁଣ୍ଡିଆ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗଣିଆ ପ୍ରାଣୀଧନ ଚିକିତ୍ସାଧିକାରୀ ଅମୀୟ କୁମାର ମହାପାତ୍ରଙ୍କୁ ପଚାରିବାରୁ ସମ୍ପୃକ୍ତ ପ୍ରାଣୀଧନ ନିରୀକ୍ଷକଙ୍କୁ ଛାମୁଣ୍ଡିଆରେ ରହି ଡ୍ୟୁଟି କରିବା ପାଇଁ ତାଗିଦ୍ କରାଯିବା ସହ ଦରମା ବନ୍ଦ କରାଯାଇଛି। ତେବେ ସେ ଏଥିରୁ ବିଚ୍ୟୁତ ହେଲେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।


ଛାମୁଣ୍ଡିଆଠାରେ ଥିବା ପ୍ରାଣୀ ସହାୟକ କେନ୍ଦ୍ର।

## କେତକୀର ଚାହିଦା

**କବିସୂର୍ଯ୍ୟନଗର,୧୭।୨(ଡି.ଏନ.ଏ.):** ପୁରାଣ ବର୍ଣ୍ଣିତ କଥା ଅନୁଯାୟୀ ମହାଦେବଙ୍କ କ୍ରୋଧ ଯୋଗୁ ବର୍ଷତମାମ କେତକୀ ଫୁଲ ଅପୂଜା ରହିଥାଏ। କେବଳ ଶିବରାତ୍ରି ଦିନ ରାତ୍ରର ଶେଷ ପ୍ରହରରେ ଲାଗି ହୋଇଥାଏ। କଥିତ ଅଛି ଏହି ଦିନ ମହାଦେବଙ୍କୁ କେତକୀ ଫୁଲ ଅର୍ପଣ କରି ପୂଜାବିଧି କଲେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୁଏ। ଏଥିପାଇଁ ଶତାଧିକ ଭକ୍ତ ଦାମିକା କେତକୀ ଫୁଲ କିଣି ଅତନ୍ତ୍ୟ ନିଷ୍ଠାର ଶହ ସାରାରାତି ଉଜାଗର ରହି ପୂଜା କରିଥାନ୍ତି। କବିସୂର୍ଯ୍ୟନଗର ଆଠଗଡ଼ ପାଟଣାରେ କେତକୀ, ଚମ୍ପା, ପଳାଶ ଆଦି ବହୁ ପ୍ରାଚୀନ ଫୁଲ ଦେଖିବାକୁ ମିଳେ।

# ଆସ ଆମେ ଶିଶୁଙ୍କୁ ବୁଝିବା ଶୀର୍ଷକ ଆଲୋଚନାଚକ୍ର

ନୟାଗଡ଼ ଅଫିସ,୧୭।୨

ଖଣ୍ଡପଡା ରୋଡସ୍ଥ ନୀଳମାଧବ କଲ୍ୟାଣ ମଣ୍ଡପରେ ନୟାଗଡ଼ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପକ୍ଷରୁ ଆସ ଆମେ ଶିଶୁଙ୍କୁ ବୁଝିବା ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ୩୫୦ ଜଣ ଅଭିଭାବକଙ୍କୁ ନେଇ ଶିଶୁମାନଙ୍କର ପ୍ରଗତିରେ ମାତାପିତାଙ୍କ ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଉପଦେଷ୍ଟା ଶିକ୍ଷାବିତ୍ ହରିହର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୈକ୍ଷିକ ଶିବିରରେ ମୁଖ୍ୟଅତିଥି ଭାବେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ବିଭାଗ ପ୍ରାଧ୍ୟାପକ ପ୍ରମୋଦ କୁମାର ଦାଶ, ମୁଖ୍ୟ ବକ୍ତା ଭାବେ ନୟାଗଡ଼ ଜିଲା ସର୍ବଶିକ୍ଷା ଅଭିଯାନର ବାଳିକା ଶିକ୍ଷା ସଂଯୋଜିକା ସୁଶ୍ରୀ ଶ୍ରାବଣୀ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ।

ଗୋଟିଏ ଶିଶୁ ପାଇଁ ପିତାମାତାଙ୍କର ଅଜସ୍ର ଅବଦାନ ସହ ପ୍ରମୁଖ ଭୂମିକା ବିଷୟରେ ସାରଗର୍ଭକ ଆଲୋଚନା କରିଥିଲେ। ମାଆମାନେ ଶିଶୁଙ୍କ ମାର୍କ ପଛରେ ନ ଗୋଡାଇ ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ସେବବ୍ରତୀ ଆଚାର୍ଯ୍ୟା ପ୍ରିୟମ୍ବଦା ମହାପାତ୍ର ଧନ୍ୟବାଦ ଦେଇଥିଲେ।




# ୩୦ ଲକ୍ଷର ଅଳଙ୍କାର ଚୋରି

ବ୍ରହ୍ମପୁର ଅଫିସ,୧୭।୨

ବ୍ରହ୍ମପୁର ସାନବଜାର ଛକରେ ସାନ୍ତାରାଣୀ ଇଷ୍ଟେଟରେ ଥିବା ସୁନା ଦୋକାନରୁ ୩୦ ଲକ୍ଷ ଟଙ୍କାର ସୁନା ଗହଣା ଓ ରୁପା ସାମଗ୍ରୀ ଆଦି ଚୋରି ହୋଇଛି। ଏନେଇ ଅଭିଯୋଗ ପରେ ବଡବଜାର ଥାନା ପୋଲିସ ନଂ.୪୭/୨୩ରେ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ନୂର ଆଲମ ମଲ୍ଲିକ ସାନବଜାର ଛକରେ ଏକ ସୁନା ଦୋକାନ କରିଛନ୍ତି। ଗତ ୧୪ ତାରିଖ ସକାଳେ ସେ ଦୋକାନ ଖୋଲିବା ପାଇଁ ଯାଇଥିଲେ। ହେଲେ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ସେ ଦେଖିବାକୁ ପାଇଥିଲେ। ଦୋକାନ ଭିତରକୁ ଯାଇ ଦେଖିବା ବେଳେ ସେଠାରେ ଥିବା ପୁରୁଣା ସୁନା ୨୮୫ ଗ୍ରାମ, ଟେକି ସୁନା ୩୮୦ ଗ୍ରାମ, ରୁପା ଦୁଇ କେଜି ସେଠାରୁ ଚୋରି ହୋଇଯାଇଥିଲା।

# ପଞ୍ଚମୁଖୀ ହନୁମାନଙ୍କ ମନ୍ଦିରରେ ସମୂହ ବ୍ରତୋପନୟନ

ଖଣ୍ଡପଡ଼ା,୧୭।୨(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଯାତ୍ରାପଦା ବଜାରସ୍ଥିତ ଫଣେଶ୍ୱର ମହାଦେବ ଓ ପଞ୍ଚମୁଖୀ ହନୁମାନ ଜୀଉଙ୍କ ବିଜେସ୍ଥଳୀ ପରିସରରେ ୨୩ତମ ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ସମୂହ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୯ ଜଣ ବ୍ରହ୍ମଚାରୀ ନୟାଗଡ଼, ବୌଦ୍ଧ, କଟକ, ଖୋର୍ଦ୍ଧା ଓ ପୁରୀ ଜିଲା ଅଞ୍ଚଳରୁ ସେମାନଙ୍କ ପରିବାର ସହ ବ୍ରହ୍ମଚାରୀ ଆସି ରୀତିନୀତି ଅନୁସାରେ ବ୍ରତୋପନୟନ ସହ ଯଜ୍ଞୋପବିତ ଗ୍ରହଣ କରିଥିଲେ। ମନ୍ଦିର କମିଟି ପକ୍ଷରୁ ଏହି ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଭାବେ ରଜନିକାନ୍ତ ମିଶ୍ର, ସହଯୋଗୀ ରଜତ କୁମାର ମିଶ୍ର, ପୁରୋହିତ ଭାବେ ବସନ୍ତ କୁମାର ମିଶ୍ର ଓ ଶ୍ୟାମା ପ୍ରସାଦ ମିଶ୍ର ପ୍ରମୁଖ ବ୍ରତୋପନୟନ କାର୍ଯ୍ୟ ପରିଚାଳନା କରିଥିଲେ। ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠାତା ଗୋପାଳ ଚନ୍ଦ୍ର ଅଗ୍ରୱାଲ ଏବଂ ମନ୍ଦିର ପରିଚାଳନା କମିଟିର ସଭ୍ୟ ଯଥାକ୍ରମେ ଲକ୍ଷ୍ମୀଧର ଚିନ୍ନରା, ହେମନ୍ତ କୁମାର ସେଠୀ, ସନ୍ତୋଷ କୁମାର ଅଗ୍ରୱାଲା, ଭଗବାନ ଦାସ ଅଗ୍ରୱାଲା, ଦଣ୍ଡପାଣି ବେହେରା, ରମାକାନ୍ତ ସାହୁ, ପ୍ରକାଶ ବେହେରା, କୃଷ୍ଣଚନ୍ଦ୍ର ସାହୁ ଓ କାଳନ୍ଦି ଚରଣ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଗ୍ରାମବାସୀ ଓ ବ୍ରହ୍ମଚାରୀମାନଙ୍କ ପରିବାର ବର୍ଗଙ୍କୁ ସାଧୁବାଦ ଜଣାଇଥିଲେ। ବ୍ରତୋପନୟନ ଆନୁଷ୍ଠାନିକ କାର୍ଯ୍ୟକ୍ରମ ପରେ ସମସ୍ତ ବ୍ରହ୍ମଚାରୀଙ୍କ ସହ ସେମାନଙ୍କ ପରିବାର ଲୋକ ଓ ଜନସାଧାରଣ ଗ୍ରାମ ପରିକ୍ରମା କରି ଶ୍ରୀନୀଳମାଧବ ଜୀଉଙ୍କ ସିଂହଦ୍ୱାରକୁ ଯାଇ ଠାକୁରଙ୍କ ଆର୍ଶୀବାଦ କାମନା କରିଥିଲେ।


ସମୂହ ବ୍ରତୋପନୟନରେ ବ୍ରହ୍ମଚାରୀମାନେ।

# ନିମ୍ନମାନର ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଅଭିଯୋଗ

ନୂଆଗାଁ, ୧୭।୨(ଡି.ଏନ୍.ଏ.)

■ କଳଙ୍କି ଲାଗି ଅଚଳ ଆକ୍ୱାଗାର୍ଡ, କାନ୍ଥ ଫାଟିଲାଣି
■ ଡିମିରିଝରୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ସରକାରଙ୍କ ୫ଟି ଯୋଜନା ମାଧ୍ୟମରେ ହୋଇଥିବା ସ୍କୁଲ ରୂପାନ୍ତରଣ କାର୍ଯ୍ୟ ନିମ୍ନମାନର କରାଯାଇଥିବା ଅଭିଯୋଗ ହେଉଛି। ବଡ଼ଗୋଠ ପଞ୍ଚାୟତ ଡିମିରିଝରୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଟିଣ ଛାତ ତଳେ କରାଯାଇଥିବା ସିଲିଂ ଖସିବା, ବର୍ଷେ ନ ହେଉଣୁ ଆକ୍ୱାଗାର୍ଡରେ କଳଙ୍କି ସହ ଅଚଳ ହେବା, ଶ୍ରେଣୀଗୃହ କାନ୍ଥରେ ଫାଟ ସୃଷ୍ଟି ହୋଇଛି ।

ସ୍କୁଲ ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳରେ ଶିକ୍ଷାଦାନ ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟରେ ରୂପାନ୍ତରଣ କରୁଛନ୍ତି। କିନ୍ତୁ କିଛି ଅସାଧୁ ଅଧିକାରୀ, କର୍ମଚାରୀ ଓ ଠିକାଦାରଙ୍କ ଲାଭଖୋର ନୀତି ଯୋଗୁ ସେଥିରେ ସୁଫଳ ମିଳିପାରୁନାହିଁ। ଅଧିକ ଲାଭ ଆଶାରେ ନିମ୍ନମାନର କାମକରି ସରକାରୀ ଅନୁଦାନ ଲୁଟୁଛନ୍ତି। ଡିମିରିଝରୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ପାଇଁ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ସ୍କୁଲରେ ଛାତଘର ନ ଥିବାରୁ ଟିଣ ତଳେ ସିଲିଂ କରାଯାଇଥିଲା। ସିଲିଂ କାର୍ଯ୍ୟ ନିମ୍ନମାନର କରାଯାଇଥିବାରୁ ବର୍ଷେ ନ ପୂରୁଣୁ ଖସି ପଡ଼ିଲାଣି। ସେହିପରି ଭଙ୍ଗା କାନ୍ଥରେ କେବଳ ରଙ୍ଗମାରି ସଜେଇ ଦେଇଥିବାରୁ ତାହା ଫାଟିଗଲାଣି। ଛାତ୍ରୀଛାତ୍ରଙ୍କ ଲାଗି ପାନୀୟଜଳ ନିମନ୍ତେ ଆକ୍ୱାଗାର୍ଡ ଲଗାଯାଇଥିବା ବେଳେ ବର୍ଷେ ନ ହେଉଣୁ ସେଥିରେ କଳଙ୍କି ଲାଗିବା ସହ ଅଚଳ ହୋଇପଡ଼ିଛି, ଯାହାକୁ କି ୫ ଦିନ ପୂର୍ବେ ମରାମତି କରାଯାଇଛି। ଏପରି କି ପ୍ଲାଇରେ ତିଆରି ହୋଇଥିବା କବାଟ ସବୁ ଖସିପଡୁଥିବା ଅଭିଯୋଗ ହେଉଛି। ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ ସ୍କୁଲ ପରିଦର୍ଶନରେ ଯାଇଥିବା ବେଳେ ଏସବୁ ନଜରକୁ ଆସିବାରୁ ତାହାକୁ ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୫ଟି ଯୋଜନାରେ ରୂପାନ୍ତରିତ ସ୍କୁଲର ଏପରି ଅବସ୍ଥା ବାବଦରେ ନୂଆଗାଁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ପଣ୍ଡାଙ୍କୁ ପଚାରିବାରେ ଆମେ କୌଣସି ଇଲେକ୍ଟ୍ରୋନିକ୍ ସାମଗ୍ରୀ କିଣିନାହୁଁ। ସେସବୁ ଜିଲା ସ୍ତରରେ ନିଷ୍ପତ୍ତି ନିଆଯାଇଛି। ତେଣୁ ଆକ୍ୱାଗାର୍ଡ ବାବଦରେ କିଛି କହିପାରିବି ନାହିଁ। ୫ଟି କାମ ପୂର୍ବରୁ ସ୍କୁଲ କାନ୍ଥ ଫାଟି ନ ଥିଲା। କାମ ପରେ ଫାଟୁଛି, ଆମେ କ'ଣ କରିବୁ ବୋଲି ସେ କହିଛନ୍ତି। ସେହିପରି ଟିଣଘରେ ସିଲିଂ କରାଯାଇଛି। ସେଥିରେ କୌଣସି ଅସୁବିଧା ନାହିଁ। ତେବେ ଆମେ ଅନେକ ସ୍କୁଲରେ ଭଲ କାମ ମଧ୍ୟ କରିଛୁ। ସେସବୁ ଯାଇ ଦେଖନ୍ତୁ ବୋଲି ସେ କହିଛନ୍ତି।


ବିଦ୍ୟାଳୟର ରୂପାନ୍ତରଣ ପରେ କାନ୍ଥ ଫାଟି ଯାଇଛି।

